**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**

ଥୁଆମୂଳ ରାମପୁର,(ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଡାକକୋଟା ଗ୍ରାମସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ନାଏକଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ବନ୍ଦେ ଉତ୍କଳଜନନୀ ଗାୟନ କରାଯାଇଥିଲା। ସେହିଭଳି ଗୋପାଳପୁର ଗ୍ରାମସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ୍ୟ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ପାଳିତ ହୋଇଯାଇଛି।

## ସଂକ୍ଷେପରେ

### ଓଡ଼ିଆ କବି ସମ୍ମିଳନୀ

ଖଡ଼ିଆଲ,୪।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ମିଶନ ଶକ୍ତି ଗୃହଠାରେ ସିଡିପିଓ ମୀନା କୁମାରୀ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ରବିବାର ଓଡ଼ିଆ କବିସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ୩୦ରୁ ଅଧିକ ମହିଳାମାନେ ଭାଗ ନେଇଥିଲେ। କବିତା ପାଠ ପ୍ରତିଯୋଗିତାରେ ମମତା ମଞ୍ଜରୀ ଥପା ପ୍ରଥମ, ଅଗସ୍ତି ଚିନାଗୁନ ଦ୍ୱିତୀୟ ଓ ବବିତା ବିଶି ତୃତୀୟ ସ୍ଥାନ ଅଧିକାର କରିଥିଲେ। କବିତା ପାଠୋତ୍ସବରେ ବିଭୂତି ଭୂଷଣ ବିଶି ଏବଂ ଗୋବିନ୍ଦ ପଣ୍ଡା ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିଏଲଏଫ ସଭାପତି ଭୂମିଶୁତା ଦଳପତି ଓ ବିଏଲଏଫ ସମ୍ପାଦିକା ପ୍ରମୋଦିନି ପୁଞ୍ଜି ମଞ୍ଚାସିନ ଥିଲେ। ଦିବିକା ଧ୍ରିଡିଇଓ, ରଜନୀ କାନ୍ତ ଭୋଇ ବିପିଏସିଏ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ବିପିସି ସମ୍ପଦ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କବିତା ପାଠୋତ୍ସବରେ ପ୍ରଭାତୀ ବିଶି, ଡୋଳାକାନ୍ତି ବିଶି, ଭବାନୀ ଦଣ୍ଡସେନା, ଶୌଭାଗ୍ୟ ବିଶି, ଲକ୍ଷ୍ମୀ ବିଶି, ଶୁଭଶ୍ରୀ ପଣ୍ଡା, ଜୟନ୍ତୀ ବେହେରା, ସନିତା ପଟେଲ, ସବିତା ମାଝି, ହେମାଙ୍ଗିନି ଦଳପତି ପ୍ରମୁଖ ଭାଗ ନେଇଥିଲେ।

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ବିଭିନ୍ନ କାର୍ଯ୍ୟକ୍ରମ

କେସିଙ୍ଗା,୪।୨(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ନଗରପାଳ ନୃପ ରାଜ ଯାଦବଙ୍କ ଅଧ୍ୟକ୍ଷତାରେ ରବିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ସ୍କୁଲ ଓ କଲେଜରେ ପ୍ରବନ୍ଧ, ବକ୍ତୃତା ଓ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ୨୫ଜଣ ଲେଖକ ଓ କବିମାନଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଉପ ନଗରପାଳ ସରସ୍ୱତୀ ସାହା, କେସିଙ୍ଗା ମହାବିଦ୍ୟାଳୟ ଅବସରପ୍ରାପ୍ତ ଓଡ଼ିଆ ବିଭାଗ ଅଧ୍ୟାପିକା ମଞ୍ଜୁମେଧା ଗୁରୁ ଓ ଅଞ୍ଚଳର ଜଣାଶୁଣା ଲେଖିକା ଯାଜ୍ଞସେନି ସାହା ପ୍ରମୁଖ ମଞ୍ଚାସୀନ ଥିଲେ।

### ଅନୁକୂଳ ଚନ୍ଦ୍ରଙ୍କ ଜନ୍ମଉତ୍ସବ, ସତ୍ସଙ୍ଗ ଗୃହ ଭୂମି ପୂଜନ



ଲାଞ୍ଜିଗଡ଼,୪।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ ଗୃହ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତସଙ୍ଗ ଗୃହ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ନଳିନୀ ରଞ୍ଜନ ହୋତା ଓ କର୍ତ୍ତା ଭାବେ ସୋନାଲି ମିଶ୍ର ହୋତା କାର୍ଯ୍ୟ ତୁଲାଇଥିବା ବେଳେ ପୂଜକ ଭାବେ କୈଳାସ ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ। ଲାଞ୍ଜିଗଡ ସତସଙ୍ଗ କେନ୍ଦ୍ରର ସହର ରମେଶ ଚନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ଭାବେ ନରେନ୍ଦ୍ର ପଟ୍ଟନାୟକ କାର୍ଯ୍ୟ ତୁଲାଇଥିଲେ। ସତସଙ୍ଗର ସୁଶାନ୍ତ ଗୌଡ଼, ଜିତେନ୍ଦ୍ର ଜେନା, ଆର୍ଯ୍ୟ ଗାଁଟା, ଗୁରୁ ଗୋବିନ୍ଦ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଗୁରୁଭାଇ ଓ ଭଉଣୀମାନେ ସହଯୋଗ କରିଥିଲେ।

# ଆଡ଼ିବନ୍ଧ ନିର୍ମାଣ କଲେ ଗ୍ରାମବାସୀ

ନୂଆପଡ଼ା,୪।୨(ମକାରୁ ବେମାଲ)



ଗାଁ ଲୋକେ ଶ୍ରମଦାନ କରି ଆଡିବନ୍ଧ ନିର୍ମାଣ କରୁଛନ୍ତି।

ନୂଆପଡା ଜିଲା କୋମନା ବ୍ଲକ ଅଧୀନସ୍ଥ ପାହାଡ, ଜଙ୍ଗଲ ଘେରା କୁରୁମପୁରି ପଞ୍ଚାୟତସ୍ଥିତ ଘାଟିପଡା ଗାଁରେ ଗ୍ରୀଷ୍ମ ଋତୁ ନ ଆସିବା ପୂର୍ବରୁ ପାଣି ସମସ୍ୟା ଦେଖାଗଲାଣି। ଆଗକୁ ଗ୍ରୀଷ୍ମ ଋତୁ ଆସିଲେ ଭୂତଳ ଜଳସ୍ତର କମି ଯାଇ ପାଣି ପାଇଁ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି ଗ୍ରାମବାସୀ। ନୀତିଦିନ ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ସ୍ୱୟଂ ସହାୟକ ମିହିଳା ଗୋଷ୍ଠି ଓ ପୁରୁଷମାନେ ରାଜ୍ୟପାଳଙ୍କ ପରାମର୍ଶକୁ ମାନି ରବିବାର ଶ୍ରମଦାନ କରି ଆଡିବନ୍ଧ ନିର୍ମାଣ କରୁଛନ୍ତି। ପ୍ରତି ରବିବାର ଗାଁ ଲୋକେ ଆସି ଶ୍ରମଦାନ କରି ଆଡିବନ୍ଧ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥର ଖରା ଦିନେ ଭୂତଳ ଜଳସ୍ତର ବଢାଇବା ପାଇଁ ମନରେ ଗୋଟିଏ ଜିଦ ରଖି ହାତରେ କୋଦାଲ, ଫାଉଡା ଧରି ଗାଁ ଲୋକେ କାର୍ଯ୍ୟରେ ଆଗେଇ ଆସିଛନ୍ତି। ଗାଁ ଲୋକଙ୍କ ମନବଳ ବଢାଇବା ପାଇଁ କୋମନା ବିଡିଓ ହିତାଂଶୁ ଶେଖର ସାମଲ, ସ୍ଥାନୀୟ ସରପଞ୍ଚ ରାୟଧର ବଘେଲ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବରୁଣ ଦାସ, ଗ୍ରାମ ରୋଜଗାର ସେବକ ଗୋବିନ୍ଦ ସହୁ ପ୍ରମୁଖ କାର୍ଯ୍ୟରେ ସାମିଲ ହୋଇଛନ୍ତି। ଘାଟିପାଡା ଗାଁରେ ୨୧୩ ପରିବାର ବାସ କରୁଥିବା ବେଳେ ଜନସଂଖ୍ୟା ୧୫ଶହରୁ ଉର୍ଦ୍ଧ୍ୱ। ଗାଁରେ ୭ଟି ନଳକୂଆ ଓ ବସୁଧା ଯୋଜନାରେ ଓଭର ଟାଙ୍କି ନିର୍ମାଣ ହୋଇଛି। ହେଲେ ଜଳସ୍ତର କମି ଯାଉଥିବାରୁ ନଳକୂଆରେ ପାଣି ବାହାରୁ ନାହିଁ। ଫଳରେ ପାଣି ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସୂଚନାନୁଯାୟୀ ଗତ ୨୭ରେ ଓଡିଶା ରାଜ୍ୟପାଳ ରଘୁବର ଦାସ ନୂଆପଡା ଜିଲା ଗସ୍ତରେ ଆସିଥିବା ବେଳେ ଗାଁ ଲୋକେ ପାନୀୟ ଜଳ ସମସ୍ୟା ନେଇ ଜଣାଇଥିଲେ। ପାହାଡର ପାଣି ନଷ୍ଟ ନ ହେଉ, ସେଥି ପାଇଁ ସରକାରୀ ଯୋଜନାକୁ ଅପେକ୍ଷା ନ କରି ପାଣିକୁ ସଂରକ୍ଷିତ ରଖିବା ଓ ଭୂତଳ ଜଳସ୍ତର ବଢାଇବା ପାଇଁ ଟିସିବି ଖୋଳିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ ପରାମର୍ଶକୁ ଗ୍ରାମବାସୀ ମାନି ନେଇ ଏହା ହିଁ ପାଣିର ସମସ୍ୟାର ବାଟ ବୋଲି ମହିଳା, ପୁରୁଷ ଏକାଠି ହୋଇ ଟିସିବି ଖୋଳିବା ଆରମ୍ଭ କରି ଦେଇଛନ୍ତି। ପ୍ରତି ରବିବାର ଗାଁର ମହିଳା ଓ ପୁରୁଷ ବାହାରି ଟିସିବି ଖୋଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରତି ରବିବାର ଗାଁ ଲୋକେ ଶ୍ରମଦାନ କରିବେ।

## ବ୍ଲକସ୍ତରୀୟ ଶୀତ କ୍ରୀଡ଼ା ଉତ୍ସବ

ରିଷିଡ଼ା,୪।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ଗ୍ରାମପଞ୍ଚାୟତଠାରେ ମୋ ଜନତା ମୋ ଶକ୍ତି ପକ୍ଷରୁ ନୀଳମାଧବ ସିଂଦେଓଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ଶୀତ କ୍ରୀଡା ଉତ୍ସବ ଓ ସାଂସ୍କୃତିକ ମହୋତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ନୀଳମାଧବ ସିଂଦେଓ, ଭଗବାନ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ପଧାନ, ଅବସରପ୍ରାପ୍ତ ଶିକ୍ଷକ ଜନ ପଧାନ, ତେରେସିଙ୍ଗା ଅବସରପ୍ରାପ୍ତ ଶିକ୍ଷକ ମୁରଲୀ ରଣା, ଗଜବାହାଲ ପଞ୍ଚାୟତ ପୂର୍ବତନ ସରପଞ୍ଚ ଭୀମସେନ ସାହୁ ଏବଂ ବିଦ୍ୟାଧର ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ତରୁଣ କୁମାର ଭୋଇ ମଞ୍ଚ ପରିଚାଳନା କରିବା ସହ ପ୍ରତିଯୋଗିତାର ବିଚାରପତି ଦାୟିତ୍ୱ ତୁଲାଇଥିଲେ। ମୁରୁଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ତୁଳସୀ ପଧାନ, ଦ୍ୱିତୀୟ ସ୍ଥାନ ଟିଙ୍କିଲ ପଧାନ, ତୃତୀୟ ପ୍ରେରଣା ପଧାନ ହୋଇଥିଲେ। ହୁଳହୁଳିରେ ପ୍ରଥମ ସୁମିତ୍ରା ପଧାନ, ଦ୍ୱିତୀୟ ପୁଷ୍ପାଞ୍ଜଳୀ ପୁଟେଲ, ତୃତୀୟ ବିନୋଦିନୀ ସାହୁ। ଶଙ୍ଖଫୁକାରେ ଜଜ୍ଞସେନି ଦାଶ ପ୍ରଥମ, ଦ୍ୱିତୀୟ ସ୍ନେହଲତା ମିଶ୍ର, ତୃତୀୟ ଖାନସି ବେହେରା ଓ ରୀତା ସାହୁ। ହଲିଆ ଗୀତରେ ପ୍ରଥମ ସନ୍ତୋଷ ବରିହା, ଦ୍ୱିତୀୟ ଆନନ୍ଦ ବଗର୍ତ୍ତି, ତୃତୀୟ ସାଧିନ ପୁଟେଲ। ଡ୍ୟାନରେ ପ୍ରଥମ ଅନେୱଷା ପୁଟେଲ, ଦ୍ୱିତୀୟ ସନମସାଚି ବେହେରା, ତୃତୀୟରେ ରୀମା ବରିହା ଓ ଅନୁଜ ପଧାନ ହୋଇଥିଲେ। ଆୟୋଜକ କମିଟି ସଭାପତି ଜ୍ୟୋତିରଞ୍ଜନ ପଧାନ, ସମ୍ପାଦକ ସୁସାନ୍ତ ମଲ୍ଲିକ, ସଭ୍ୟ ବୃନ୍ଦ ଥିଲେ। ଶୁଶିଲ ସାହୁ, ଶ୍ରୀମାନ ମହେନ୍ଦ୍ର ପ୍ରଧାନୀ, ଶ୍ରୀଯୁକ୍ତ ରଣଜିତ ପଧାନ, ନୀଳକଣ୍ଠ ପଧାନ ଏବଂ ଗଜବାହାଲ ବଜରଙ୍ଗ ଦଳ କାର୍ଯ୍ୟକ୍ରମ ଆଗେଇନେଲେ। ସୂଚନା ଥାଉ ଯେ ଏହା ପୂର୍ବରୁ ନର୍ଲା ଓ ଏମ୍.ରାମପୁର ବ୍ଲକରେ ଏଭଳି ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୋକ କଳା ଓ ସଂସ୍କୃତି ପରମ୍ପରାକୁ ଏଭଳି ଭବ୍ୟ ଭାବରେ କାର୍ଯ୍ୟକ୍ରମ ହେଉଥିବାରୁ କଳାହାଣ୍ଡିର ଜନତା ମଧ୍ୟରେ ଚହଳ ସୃଷ୍ଟି ହେଉଛି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଥୁଆମୂଳ ରାମପୁର,୪।୨(ଦୁର୍ଗା କୀର୍ତ୍ତି)



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଡୁମେରପଦର ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅଗ୍ନିଶମ ବିଭାଗ ଅଧିକାରୀ ସୁଭାଷ ଚନ୍ଦ୍ର ବିନ୍ଧାଣୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମା' ମାଣିକେଶ୍ୱର ପଞ୍ଚାୟତ ସମିତି ମହା ବିଦ୍ୟାଳୟ ଥୁଆମୂଳ ରାମପୁର ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ମୁଣ୍ଡୁଛିନା ଏଂ ସମ୍ମାନିତ ଅତିଥି ଭାବେ ବ୍ଲକଇଓ ଶୁଭଜିତ୍ ରଞ୍ଜନ ସ୍ୱାଇଁ, ଅଗ୍ନିଶମ ବିଭାଗ ହାବିଲଦାର ସୁନୀଲ କୁମାର ବେହେରା, ଗୋପାଳପୁର ସରକାରୀ ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭରତ ନାଏକ, ଶିକ୍ଷକ ଜଗଦୀଶ ଶବର, ଗୁଣପୁର ଏସଏସଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତ୍ରିଲୋକନାଥ ବିଶୋଇ, ସ୍କୁଲ ପରିଚାଳନା କମିଟି ସଭ୍ୟ ପ୍ରଧାନୀ ନାଏକ, ଶିକ୍ଷକ ଯଦୁମଣି ନାଏକ, ସ୍ଥାନୀୟ ସରପଞ୍ଚ ରାଏମତୀ ମାଝି ପ୍ରମୁଖ ଯୋଗଦାନ କରି ମଞ୍ଚାସୀନ ରହିଥିଲେ। ପିଲାମାନେ ପ୍ରତ୍ୟେକ ଶିକ୍ଷକଙ୍କ କଥା ମାନି ଭଲ ପାଠ ପଢିବା ପାଇଁ ସମସ୍ତ ଅତିଥିମାନେ କହିଥିଲେ। ପ୍ରଧାନ ଶିକ୍ଷକ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା। ମଞ୍ଚ କିଶୋର ଚନ୍ଦ୍ର ସାହୁ ଓ ଯଦୁମଣୀ ନାଏକ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତୀତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଶକ୍ତି ପ୍ରସାଦ ରଥ, ଦିବ୍ୟ ପ୍ରସାଦ ବଛା, ବ୍ରଜରାଜ ବିଶି, କେନ୍ଦ୍ରମଣୀ ମାଝି, ଭୀମସେନ ମେହେର, ସହକାରୀ ଶିକ୍ଷକ ଏବଂ ବିଦ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ଲାଞ୍ଜିଗଡ଼,୪।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବସନ୍ତପଡା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଚାଙ୍ଗେର ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ଲାଞ୍ଜିଗଡ ପୂର୍ବତନ ବିଧାୟକ ଶିବାଜୀ ମାଝି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ନାଏବ ସରପଞ୍ଚ ବିଳାସିନୀ ସୁନା, ଏଇ ସାଲଖୁ ହେମ୍ରମ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାର ସିଂ, ମିଶନଶକ୍ତି ବିଭାଗ ଓଏସକାନ୍ତ ବେହେରା, ରାଜେନ୍ଦ୍ର ମାଳି, ଭୁଜେନ୍ଦ୍ର ନାଏକ, ଦେବେନ୍ଦ୍ର ମାଳି, ଲବ କିଶୋର ନାଏକ, ଚିରଞ୍ଜନ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ବସନ୍ତପଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ମାଧବାନନ୍ଦ କରୁଆଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ମାର୍ଗଦର୍ଶନ ଦେଇ ଜନ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ପ୍ରାଣୀ ସମ୍ପଦ, ଜଙ୍ଗଲ, ସ୍ୱାସ୍ଥ୍ୟ, ବିଦ୍ୟୁତ ବିଭାଗର ଷ୍ଟଲ ଲାଗିଥିଲା। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଶିବିରରେ ମଞ୍ଚ ପରିଚାଳନା ସୁଶୀଲ ବାଗ କରିଥିବା ବେଳେ ମାଧବାନନ୍ଦ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଷା ହିଁ ଭବିଷ୍ୟତ କାର୍ଯ୍ୟକ୍ରମ

ଜୁନାଗଡ଼,୪।୨(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମଥୁରା ରାଧାକୃଷ୍ଣ ହାଇସ୍କୁଲରେ ପ୍ରଥମ ଓଡ଼ିଆ ବିଶ୍ୱ ସମ୍ମିଳନୀରେ ଭାଷା ହିଁ ଭବିଷ୍ୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନି ପୁରୋହିତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଇଓ ତପନ ମାଝି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବିଇଓ ସୁଶାନ୍ତ ଠାକୁର, କୁଳମଣୀ ମାଝି, ଶିକ୍ଷକ ସୁଧୀର ମେହେର, ଶକ୍ତି ମେହେର, ସରୋଜ ପଣ୍ଡା, ସନ୍ତୋଷ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ ହୋଇଥିବା ଜୁନାଗଡ଼ ହାଇସ୍କୁଲ ଆଲୁମିନି ସଭାପତି ସନ୍ତୋଷ ସିଂଦେଓ, ହିଞ୍ଜିଳିବାହେଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ ପଣ୍ଡା, ଚିଚେଇଗୁଡ଼ା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଶକ୍ତି ପ୍ରସାଦ ମେହେର, ସଂସ୍କୃତ ଶିକ୍ଷକ ଅନନ୍ତ ଆଟି, ଧନେର ପ୍ରାଥମିକ ବିଦ୍ୟାଳୟ ସହ ଶିକ୍ଷୟିତ୍ରୀ ଅନିତା କୁମାରୀ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ସୂର୍ଯ୍ୟ ନାରାୟଣ ଠାକୁର। କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ଶିକ୍ଷାପ୍ରେମୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିକାଶ ଆବାସିକ ବିଦ୍ୟାଳୟରେ ଦୁଃସାହସିକ କ୍ୟାମ୍ପ

ଭବାନୀପାଟଣା,୪।୨(ଉତ୍ତମ କୁମାର ଦାଶ)



ଅତିଥିମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଉଛି।

ଜୀବନ ସଂଘର୍ଷମୟ, ଏଣୁ ଏକ ସୁସ୍ଥ ତଥା ନିରାପଦ ଜୀବନ ବଞ୍ଚିବାକୁ ହେଲେ ବଞ୍ଚିବାର କଳା ଜାଣିବା ଆବଶ୍ୟକ। ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ବିପଦମୟ ପରିବେଶରୁ ଉଦ୍ଧାର ପାଇବା ନିମନ୍ତେ ବିଭିନ୍ନ କୌଶଳ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟରେ ଗତ ଦୁଇଦିନ ଧରି ଦୁଃସାହସିକ ଏଡଭାନଞ୍ଚରସ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଓକିଲ ଓ ପ୍ରେସିଡେଣ୍ଟ ଅଫ ଲିଗାଲ ଫ୍ରଣ୍ଟ ହର୍ଜିନ୍ଦର୍ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ଡ଼ ଅଜୟ ମିଶ୍ର, ଅନୁଷ୍ଠାନ ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଏକାଡେମିକ ଇନ ଚାର୍ଜ ଡି.ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା

**ଅଂଶଗ୍ରହଣ କଲେ ୨୭୦ ଛାତ୍ରୀଛାତ୍ର**

ସୁଶ୍ରୀ ଆରତୀ ମିଶ୍ର, କ୍ଲାଇମ୍ବର ଏଣ୍ଡ ଏଡଭାନଞ୍ଚର୍ସ କ୍ଲବର ସଭାପତି ଚିନ୍ମୟ ମହାରଣା ପ୍ରମୁଖ ଉପସ୍ଥିତ ରହି ତାଲିମ ନେଉଥିବା ଛାତ୍ରୀଛାତ୍ର ମାନଙ୍କୁ ପାଠ ସହିତ ଭବିଷ୍ୟତରେ ଜଣେ ସୁସ୍ଥ ନାଗରିକ ହେବାକୁ ହେଲେ ପ୍ରତ୍ୟେକଟି କ୍ଷେତ୍ରରେ ଉନ୍ନତି ଏକାନ୍ତ ଅପରିହାର୍ଯ୍ୟ ବୋଲି ଦିଗଦର୍ଶନ ଦେବା ସଙ୍ଗେ ସଙ୍ଗେ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ବିକାଶ ଶିକ୍ଷାନୁଷ୍ଠାନ ସମେତ ଅନ୍ୟାନ୍ୟ ବିଦ୍ୟାଳୟର ପ୍ରାୟ ୨୭୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦୁଃସାହସିକ କ୍ୟାମ୍ପକୁ ପରିଚାଳନା କରିବା ନିମନ୍ତେ କ୍ଲାଇମ୍ବରସ ଏଣ୍ଡ ଏଡଭାନଞ୍ଚର୍ସ କ୍ଲବର ୧୮ଜଣ ପ୍ରଶିକ୍ଷକ ନିୟୋଜିତ ହୋଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀଙ୍କ ସହଯୋଗ ରହିଥିଲା।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଉଦ୍‌ବୋଧନ ଦେଉଛନ୍ତି।

କର୍ଲାମୁଣ୍ଡା,୪।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ କର୍ଲାମୁଣ୍ଡା ଗ୍ରାମପଞ୍ଚାୟତ କର୍ଲାମୁଣ୍ଡା ବସ୍ତିଠାରେ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ବିଧାୟକ ପ୍ରତିନିଧି ଦିନ ବନ୍ଧୁ ସାହୁ, ସ. ମାଲପଡା ବରୁଣ ଛତ୍ରିଆ, ପୌରକେଲା ସରପଞ୍ଚ ଯଶୋଶ୍ୱିନୀ ଧରୁଆ, ରିଷିଡା ସରପଞ୍ଚ ସେବତୀ ରଣା, ପିଇଓ ଟିକେରାମ ଛତ୍ରିଆ, ୱାର୍ଡସଭ୍ୟ ଚନ୍ଦ୍ର ଭାନୁସାହୁ, ଖଗେଶ୍ୱର ସାହୁ, ରାଜେଶ୍ୱରୀ ସାହୁ, କଇଁତି ସାହୁ, ଜଳନ୍ଧର ସାହୁ, ମକାରୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଉପସ୍ଥିତ ଅଞ୍ଚଳବାସୀଙ୍କୁ ଅତିଥିମାନେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଡିଏସ ସୁପରଭାଇଜର ଗୀତା ହରିଜନ, ଉଦ୍ୟାନ ବିଭାଗ ଓଭରସିଅର ଲିଲି ପଣ୍ଡା ନିଜ ବିଭାଗ ପକ୍ଷରୁ ସରକାରୀ ସହାୟତା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଖରଦାତା ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା ଓ ମଧୁସୂଦନ ବାଗ କରିଥିବା ବେଳେ ଗ୍ରାମ ରୋଜଗାର ସେବକ ଉମେଶ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ତ୍ରୀଙ୍କ ଦ୍ୱାରା ବିଜୁସେତୁର ଭିତ୍ତିପ୍ରସ୍ତର ସ୍ଥାପନ



ନୂଆପଡ଼ା,୪।୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ଛକଠାରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ରବିବାର ଏକ ସାଧାରଣ ସଭାରେ ସମ୍ବୋଧିତ କରିଥିଲେ। ମନ୍ତ୍ରୀ ଲର୍କିଠାରୁ ଗୋନିଆପଡା ଓ ନୂଆଗାଁଠାରୁ ଲୋହୋଣ୍ଡୋପାଲି ବିଜୁ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେଠାରୁ ସାରାବଙ୍ଗ ମିନି ଷ୍ଟାଡିୟମରେ ଆୟୋଜିତ ନୂଆ-ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରୁ ସାରାବଙ୍ଗ-ଆମାନାରା ଜୋଙ୍କ ନଦୀରେ ବ୍ରଜ ନିର୍ମାଣ ପାଇଁ ଶିଳାନ୍ୟାସ କରି ନୂଆପଡା ଜିଲା ଖଳନାଠାରେ ଛତିଶଗଡ ରାଜ୍ୟକୁ ସଂଯୋଗ କରୁଥିବା ଖଳନା-ଖର୍ଟି ନଦୀରେ ବ୍ରିଜ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଡୁମେରପାଣିଠାରେ ମିନି ଷ୍ଟାଡିୟମ ଓ ଗୋତମାଠାରୁ ଭୋଇକ୍ଷମୁଣ୍ଡି ପର୍ଯ୍ୟନ୍ତ ଦୁଇ ଲାଇନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସମୟରେ ଦଳୀୟ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ସହର, ଗାଁ ମୁହାଁ ହାତୀପଲ

କେସିଙ୍ଗା,୪।୨(ଡୁମେଶ୍ୱର ସାହୁ)



କେସିଙ୍ଗା ବ୍ଲକ ଅମାଠ ଜଙ୍ଗଲରେ ହାତୀପଲ।

କଳାହାଣ୍ଡି ଜିଲା କେସିଙ୍ଗା ରେଞ୍ଜ ଦୁର୍ଲାଖମନ, କସ୍ତୁପଡ଼ା ଗାଁରେ ଶନିବାରଠାରୁ ଆତଙ୍କ ଖେଳାଇଛନ୍ତି ୧୯ ଟିକିଆ ହାତୀପଲ। କେସିଙ୍ଗା ରେଞ୍ଜ ଅଧିକାରୀ ଓ ପଲମ ପୋଲିସ ଫାଣ୍ଡି ଅଧିକାରୀଙ୍କ ଉପସ୍ଥିତରେ ହାତୀପଲ ଘୋଡଡାଇବାରେ ସଫଳ ହେଉଛି ବନ ବିଭାଗ। ସୂଚନା ଅନୁସାରେ ଗତ ଶନିବାର ସନ୍ଧ୍ୟାରେ ନର୍ଲା ରେଞ୍ଜର ଗିଗନା ଗାଁପଟୁ କେସିଙ୍ଗା ରେଞ୍ଜ ଦୁର୍ଲାଖମନ ପଟକୁ ଆସିଥିଲେ ୧୯ ଟୀକିଆ ହାତୀପଲ। ପ୍ରଥମେ ଗାଁ ଆଡକୁ ଆସି ଆତଙ୍କ ଖେଳାଇଥିଲେ। ରବିବାର ସକାଳେ ହାତୀପଲ କେସିଙ୍ଗାରୁ ପ୍ରାୟ ୮ କି.ମି. ଦୂର କସ୍ତୁପଡାରେ ରହିଥିବା କେସିଙ୍ଗା ବନପାଳ ଜଣାଇଥିଲେ। ପରେ କେସିଙ୍ଗା ବନ ବିଭାଗ ଓ ପଲମ ଫାଣ୍ଡି ପୋଲିସ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରିଥିଲେ। ହାତୀପଲ ପାଖକୁ ନ ଯିବା ପାଇଁ ଓ ହାତୀମାନଙ୍କୁ ବିରକ୍ତ ନ କରିବା ପାଇଁ ଅନୁରୋଧ କରିଥିଲେ। ପ୍ରକାଶ ଥାଉ କି ମାସେ ତଳେ ନର୍ଲା ରେଞ୍ଜରେ ହାତୀ ଘଉଡାଇବା ସମୟରେ ଅସାବଧାନତା ଯୋଗୁ ଜଣେ ବନବିଭାଗ କର୍ମଚାରୀଙ୍କୁ ହାତୀ ଦଳି ଦେଇଥିଲା। ସେଥି ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ସାବଧାନତା ଅବଲମ୍ବନ କରି ହାତୀପଲ ଜଙ୍ଗଲକୁ ଘଉଡାଇବା ପାଇଁ ପ୍ରୟାସ ଜାରି ରହିଛି ବୋଲି କେସିଙ୍ଗା ବନପାଳ ପ୍ରକାଶ କରିଛନ୍ତି। ହାତୀପଲ ଘୋଉଡାଇ ବାରେ କିଛି ମାତ୍ରାରେ ସଫଳ ହୋଇଛି ବନ ବିଭାଗ। ଅମାଠ ଜଙ୍ଗଲ ଦେଇ ତେଲନଦୀ ପାର ହୋଇ ବଡମାଲ ଗୋଲାବାରୁଦ କାରଖାନା ଆଡକୁ ହାତୀ ଯାଇଥିବା କେସିଙ୍ଗା ବନ ବିଭାଗ ଅଧିକାରୀଙ୍କ ତରଫରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ରେଞ୍ଜର ପ୍ରଭାତୀ ସେଠୀଙ୍କୁ ପଚାରିବାରୁ ଜଙ୍ଗଲ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାବା ସହ ହାତୀପଲ ଘଉଡାଇବା ଚେଷ୍ଟା ଜାରି ରହିଛି।

## ଏନ୍ଏମ୍ଓପିଏସ୍‌ର ଜିଲା କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା,୪।୨(ଉତ୍ତମ କୁମାର ଦାଶ)

**୧୮ରେ ରାଜ୍ୟ ଏନ୍ଏମଓପିଏସ୍ ସଂଘ ଦ୍ୱାରା ହେବ ଆନ୍ଦୋଳନ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପ୍ରାଥମିକ ଶିକ୍ଷକ ଭବନରେ ରବିବାର ଏନ୍ଏମଓପିଏସ୍ (ଜାତୀୟ ପୁରୁଣା ପେନସନ୍ ପୁନଃ ପ୍ରଚଳନ ସଂଘ)ର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସାମନ୍ତ କୁମାର ପଟ୍ଟଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଧିରେନ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ବଙ୍କିମ ଚନ୍ଦ୍ର ସାଗର, ବସନ୍ତ କୁମାର, ପ୍ରଦ୍ୟୁମ୍ନ ହୋତା, ମଧୁସୂଦନ ପ୍ରଧାନ, ଚିତ୍ତ ରଞ୍ଜନ ଦଳପତି, ତ୍ରିବେଣୀ ପାଣିଗ୍ରାହୀ, ପ୍ରଫୁଲ୍ଲ ଠାକୁର, ଗିରିଜା ସାହୁ, ଉଗ୍ରସେନ ସାହୁ, ଦୁର୍ଗାମାଧବ ପଣ୍ଡା, ଲଳିତ କୁମାର ନେଗୀ, ବିରେନ୍ଦ୍ର ମୁଣ୍ଡ, ଶୁଭେନ୍ଦୁ ପଣ୍ଡା, ସଞ୍ଜୟ ପଣ୍ଡା, ରାଜକୁମାରୀ ନାଏକ, ଭୁବନେଶ୍ୱର ଛତ୍ରିଆ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୧୮ରେ ଭୁବନେଶ୍ୱରରେ ରାଜ୍ୟ ଏନ୍ଏମଓପିଏସ ସଂଘ ଦ୍ୱାରା ହେବାକୁ ଥିବା ଆନ୍ଦୋଳନରେ କଳାହାଣ୍ଡି ଜିଲାର ଶତପ୍ରତିଶତ ଯୋଗଦାନ ଉପରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ନିଜ ହକ୍ ପାଇଁ ଆସନ୍ତା ରବିବାର ଭବାନୀପାଟଣାରେ ସଂଘ ପକ୍ଷରୁ ଜିଲାସ୍ତରୀୟ ସମାବେଶ ଆୟୋଜନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସଙ୍ଗଠନ ସମ୍ପାଦକ ଲଳିତ କୁମାର ନାଏକ ପରିଚାଳନା କରିଥିବାବେଳେ ଉପସଭାପତି ଚିତ୍ତ ରଞ୍ଜନ ଦଳପତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ

**ବରଗଡ଼,୪।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ସରସରାସ୍ଥିତ ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ପ୍ରଶିକ୍ଷିକା ସୁନେନା ଭେସ୍ରା ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ଉପରେ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ।

### ପଦ୍ମଶ୍ରୀ ସାଧୁ ମେହେର ଓଡ଼ିଶାର ଗର୍ବ

**ବରଗଡ଼,୪।୨(ପ୍ରେମାନନ୍ଦ ଖମାରୀ):** ଯୁଗୋପଯୋଗୀ ଶିଶୁ କିଶୋର ସାହିତ୍ୟ ପତ୍ରିକା ସୁବର୍ଣ୍ଣଦୀପ ଆନୁକୂଲ୍ୟରେ ପଦ୍ମଶ୍ରୀ ସାଧୁ ମେହେରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପଦ୍ମଶ୍ରୀ ସ୍ୱର୍ଗତ ମେହେରଙ୍କ ସ୍ମୃତିଚାରଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଭାରତୀ ଶିଶୁ ସାହିତ୍ୟ ସଂସଦର ସଭାନେତ୍ରୀ ଛାତ୍ରୀ ରେଣୁକା ଭୋଇ, ସମ୍ପାଦିକ ଅଶ୍ଳେଷା ମହାନନ୍ଦ ପ୍ରମୁଖ ସ୍ୱର୍ଗତ ପଦ୍ମଶ୍ରୀ ସାଧୁ ମେହେର ଓଡ଼ିଶାର ଗର୍ବ ଥିଲେ ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

### ମହର୍ଷି ଦୟାନନ୍ଦଙ୍କ ସ୍ମୃତିରେ କ୍ୟାଲେଣ୍ଡର ଉନ୍ମୋଚିତ

**ବରଗଡ଼,୪।୨(ପ୍ରେମାନନ୍ଦ ଖମାରୀ):** ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ସ୍ଥାନୀୟ ରାଣାପ୍ରତାପ ସ୍କୁଲ ପରିସରରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତବାର୍ଷିକୀ ସ୍ମାରକୀ ଅବସରରେ ଏକ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଛି। ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଙ୍ଗଠନ ମନ୍ତ୍ରୀ ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ରମେଶ ଭୋଇ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ପଣ୍ଡିତ ଦିନମଣି ଅଗ୍ନିହୋତ୍ରୀ, ଶିବପ୍ରସାଦ ପାତ୍ର, ପଣ୍ଡିତ ଆରୁନି ଶାସ୍ତ୍ରୀ, କେଶବ ମେହେର, ଚୈତନ୍ୟ ଭୋଇ, ସଚେତନ ମୁନି, ଡଗର ବାନପ୍ରସ୍ଥି, ବିନୋଦ ବିହାରୀ ମେହେର, ପିତାମ୍ବର ସାହୁ, ସୋମଦତ୍ତ ଶାସ୍ତ୍ରୀ, ଅଶୋକ ମେହେର, ଅର୍ଜୁନ ସେଟ, ପଣ୍ଡିତ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

### ସମାଜ କଲ୍ୟାଣ ବିଭାଗର ସମୀକ୍ଷା

**ବରଗଡ଼,୪।୨(ପ୍ରେମାନନ୍ଦ ଖମାରୀ)** ରାଜ୍ୟ ସମାଜ କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଶନିବାର ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ସେ ତାଙ୍କ ଏହି ଗସ୍ତରେ ଜିଲାର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ ଅଫିସ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ସମାଜ କଲ୍ୟାଣ ବିଭାଗର ସମୀକ୍ଷା କରିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକ ସଂଘର ସଭା

**ବରଗଡ଼,୪।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କୋଇସିରା ନଦୀ ନିକଟ ଗିରି ଗୋବର୍ଦ୍ଧନ ପୀଠରେ ଭଟଲି ବ୍ଲକ ବରିଷ୍ଠ ନାଗରିକ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର, ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘର ଉପଦେଷ୍ଟା ରକ୍ଷାକାରୀ ବିଶି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମହିଳା ସଂଘ ସଭାନେତ୍ରୀ ମାଧବୀ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଶଶୀଭୂଷଣ ସରାଫ, ସଙ୍ଗଠନ ସମ୍ପାଦକ କେଦାର ମିଶ୍ର, ସମ୍ପାଦକ ଗୋବିନ୍ଦ ଦାଶ, ଉପସଭାପତି ନିର୍ମଳ କିଶୋର କର, ଭଟଲି ବ୍ଲକ ସଭାପତି ବାଙ୍କାବିହାରୀ ମିଶ୍ର, ସମ୍ପାଦକ ଜଗଦିଶ ସାହୁ, ଉପସଭାପତି ସନ୍ତୋଷ ବନଛୋର, ସଙ୍ଗଠନ ସମ୍ପାଦକ ଅକ୍ଷୟ କୁମାର ସାହୁ, କୋଷାଧ୍ୟକ୍ଷ ଘନଶ୍ୟାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ମତ ରଖିଥିଲେ। ନରେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାବ ବିନିମୟର ମାଧ୍ୟମ ହେଉଛି ଭାଷା

**ବରଗଡ଼,୪।୨(ପ୍ରେମାନନ୍ଦ ଖମାରୀ)**


ଭଟଲିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

ଆଦିମ କାଳରୁ ମାନବ ନିଜର ଭାବକୁ ବ୍ୟକ୍ତ କରିବା ପାଇଁ ସାଙ୍କେତିକ ଭାଷା (ଠାର ଭାଷା) ବ୍ୟବହାର କରୁଥିଲା। କାଳକ୍ରମେ ସଭ୍ୟତାର ବିକାଶ ସହିତ ସେ ବିଭିନ୍ନ ଧ୍ୱନିକୁ ଭାଷାର ମୌଳିକ ତଥା ମୌଖିକ ରୂପ ଭାବେ ବ୍ୟବହାର କଲା। ଯାହା ପରବର୍ତ୍ତୀ କାଳରେ ଲିଖିତ ରୂପ ତଥା ଲିପି ଆକାରରେ ଶିଳାଲେଖ, ଅଭିଲେଖରେ ଲେଖାଗଲା। ଏଭଳିଭାବେ ଭାଷା ସମୟ ସହିତ ତାଳ ଦେଇ ଆବଶ୍ୟକ ସଂଶୋଧନ ଓ ପରିବର୍ତ୍ତନ ସହ ଆଧୁନିକ ରୂପରେ ବ୍ୟବହୃତ ହୋଇଆସୁଛି। ଭାଷା ହେଉଛି ଭାବ ବିନିମୟର ଏକ ମାଧ୍ୟମ ବୋଲି ରବିବାର ଅନୁଷ୍ଠିତ ଭଟଲି ବ୍ଲକସ୍ତରୀୟ ଭାଷା, ସାହିତ୍ୟ, ସୃଜନଶୀଳତା ମହୋତ୍ସବରେ ମତପ୍ରକାଶ ପାଇଛି। ଭଟଲି ବ୍ଲକ ଶିକ୍ଷାଧିକାରୀ ସରୋଜ କୁମାର ଭୁଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ଦାଶ, ଦେବାନନ୍ଦ ବିଶି, କୃଷ୍ଣକେଦାର ସାହୁ, ଲାବଣ୍ୟବତୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ପ୍ରାଥମିକ, ଉଚ୍ଚ ପ୍ରାଥମିକସ୍ତରର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ଚିତ୍ରାଙ୍କନ, ତର୍କ ପ୍ରତିଯୋଗିତା ହୋଇଥିଲା। ସେମାନେ ଭାଷା, ସଂସ୍କୃତି, ହସ୍ତକଳା, ପ୍ରସିଦ୍ଧ ପୁସ୍ତକ, ପ୍ରକଳ୍ପ କାର୍ଯ୍ୟ ସହିତ ଏକକ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇ ନିଜ କଳା ପ୍ରଦର୍ଶନ କରିଥିଲେ ।

ବ୍ଲକର ୧୧ କ୍ଲଷ୍ଟରରୁ ୧୨୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୁଇଜ ସିନିୟର ବିଭାଗରେ କ୍ଷମାନିଧି ବରିହା, ଜୁନିୟର ବିଭାଗରେ ଓମ୍‌ପ୍ରଭା ବାରିକ, ଚିତ୍ରାଙ୍କନ ସିନିୟର ବିଭାଗରେ ପୂଜା ଖମାରୀ, ଜୁନିୟର ବିଭାଗରେ ଜନନୀ ବୁଢ଼େକ, ତର୍କ ବିଭାଗରେ କ୍ଷଣିକା ପ୍ରସନ୍ନ ଷଡ଼ଙ୍ଗୀ, ଏକକ ନୃତ୍ୟରେ ସ୍ୱିଟୀ ସା, ଲେଖା ଓ କବିତା ବିଭାଗରେ ସୁଜାତା କୁମ୍ଭାର, ପ୍ରସିଦ୍ଧ ପୁସ୍ତକ ବିଭାଗରେ ମେହେକ ବାଇ, ପ୍ରକଳ୍ପ ପ୍ରଦର୍ଶନ ବିଭାଗରେ ଉଦିତ ଠାକୁର, ପୋଷ୍ଟର ପ୍ରଦର୍ଶନ ବିଭାଗରେ ସ୍ୱସ୍ତିକ ଗର୍ଡ଼ିଆ, ହସ୍ତଶିଳ୍ପ ବିଭାଗରେ ରୋଶନ ବଡ଼େଇ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଥିଲେ। ଏହି ଅବସରରେ ପ୍ରାଥମିକ ବୃତ୍ତି ପାଇଥିବା ଛାତ୍ରୀଛାତ୍ର, ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନସୀ ପାତ୍ର, ଉପେନ୍ଦ୍ର ଖମାରୀ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷକ ଦେବାନନ୍ଦ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ଜିଲା ବିଜେପୁର ଗୋଷ୍ଠି ଶିକ୍ଷା କାଯର୍‌ୟାଳୟ ଅନ୍ତର୍ଗତ ତାଳପଦର ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ରାଜେଶ୍ୱର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ପ୍ରକଳ୍ପ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାସୁଦେବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସମାରୋହ ହୋଇଥିଲା। ଏଥିରେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସାହୁ ମୁଖ୍ୟ ଅତିଥି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଦିବାକର ବରିହା ସମ୍ମାନିତ ଅତିଥି, ଶିକ୍ଷାବିତ କ୍ଷୀରୋଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆର୍‌ସିସି ଦୁର୍ବାଦଳ ବଡ଼ଗୋଛିଆ, ସୀତାରାମ ଦୀପ, ପ୍ରଭାତ ରଞ୍ଜନ ସାହୁ, ହେମନ୍ତ କୁମାର ଆରୁକ, ଡୋଲାମଣି କୁମ୍ଭାର, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସିଆରସିସି ନବୀନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବହି ମୁକ୍‌ଲାନ୍ ପରବ୍ -୨୦୨୪


ଅତିଥିମାନଙ୍କ ଦ୍ୱାରା କୋଶଲି ସମ୍ବଲପୁରୀ ବହି ଉନ୍ମୋଚନ ।

**ଡୁଙ୍ଗୁରିପାଲି,୪।୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ହାଇସ୍କୁଲ ଛକ ନିକଟରେ ଥିବା ଏକ ହୋଟେଲରେ ନୂଆଁ ସକାଲ ପବ୍ଲିକେଶନ ଡୁଙ୍ଗୁରିପାଲି ଆନୁକୂଲ୍ୟରେ ରବିବାର ବହି ମୁକ୍‌ଲାନ୍ ପରବ୍ ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ର କୁମାର ହୋତା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଦିଲୀପ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ ଯୋଗଦେଇ କୋଶଲାଞ୍ଚଳ ଭାଷାକୁ କବି, ଲେଖକମାନେ ବଞ୍ଚାଇ ରଖିଥିବା ନେଇ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜ୍ୟୋତି ଗଡତିଆ, ଜେଠୁ ଭୋଇ ଓ ମୁଖ୍ୟବକ୍ତା ଭାବେ ଅରୁଣ କୁମାର ନାଏକ ଯୋଗ ଦେଇଥିଲେ । ସାରା କୋଶଲାଞ୍ଚଳର ଭିନ୍ନ ଇଲାକା ତଥା ତରଭା, ବ୍ରଜରାଜନଗର, ସୋନପୁର, ବୌଦ୍ଧ, ତାଳପଦର, ପର୍ଣ୍ଣିକିଟାଲର ନାଟ, କବିତା, କଥାନୀ, ଇତିହାସ, ରମ୍ୟ ରଚନା ପରି ୨୫ ଖଣ୍ଡ କୋଶଲି ସମ୍ବଲପୁରୀ ବହି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ କୋଶଲାଞ୍ଚଳର କବି, ଲେଖକ, ପ୍ରକାଶକ, ସମ୍ପାଦକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗୌରାଙ୍ଗ ପାଣ୍ଡେ ସଂଯୋଜନା କରିଥିଲେ। ଅମୂଲ୍ୟ ବେହେରା, ଜୟ ପ୍ରଧାନ, ସନାତନ ବେହେରା, ପ୍ରବୀଣ ସୁନା ଉପସ୍ଥିତ ଥିଲେ। ଯୁଧିଷ୍ଠିର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଷା, ସାହିତ୍ୟ, ସଂସ୍କୃତି ଆଲୋଚନାଚକ୍ର


ଓଡ଼ିଆ ଭାଷା, ସଂସ୍କୃତି, ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

**ଗାଇସିଲେଟ୍, ୪।୨ (ଦୁର୍ଗାପ୍ରସାଦ ତ୍ରିବେଦୀ/ ବେଦପ୍ରକାଶ କଲେତ୍)**

ବରଗଡ଼ ଜିଲା ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଓଡ଼ିଆ ଭାଷା, ସଂସ୍କୃତି, ସାହିତ୍ୟ ପ୍ରତିଯୋଗିତା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡ଼ିଓ ଲକ୍ଷ୍ମଣ ମାଝି ମୁଖ୍ୟଅତିଥି, ପୂର୍ବତନ ସମ୍ପାଦକ ଅମ୍ବିକା ପ୍ରସାଦ ତ୍ରିବେଦୀ, ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାଧ୍ୟାପକ ନାରାୟଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ରାକେଶ କୁମାର ପଣ୍ଡା ଜଗନ୍ନାଥ ଭଜନ ଗାନ କରିଥିଲେ। ମଞ୍ଚାସୀନ ଅତିଥିମାନେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସହିତ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଖେଳ ଶିକ୍ଷକ ହେମନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଦିପ୍ତୀ ସାହୁ, ସସ୍ମିତା ଭୋଇ, ଧରିତ୍ରୀ ଗୁରୁ ଓଡ଼ିଶୀ ନୃତ୍ୟ ଏବଂ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ସଂଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ଅଧିବେଶନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ପୂର୍ବତନ ପ୍ରଧାନ ଶିକ୍ଷକ ଡ. ସୁନିଲ କୁମାର ପଣ୍ଡା, ରବି ନାରାୟଣ ପଣ୍ଡା, ପ୍ରାଧ୍ୟାପକ ଜଗଦୀଶ କୁମାର ଠାକୁର, ଅର୍ଜୁନ କୁମାର ପଣ୍ଡା, ରାକେଶ କୁମାର ପଣ୍ଡା ବିଚାରକ ଭାବେ ଯୋଗଦାନ କରିଥିଲେ। ଅଧ୍ୟାପିକା ବୀଣାପାଣି ତାଣ୍ଡି ଓ ଝରଣା ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା ମୁଖ୍ୟଅତିଥି, ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟବକ୍ତା, ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ତ୍ରିବେଦୀ, ବ୍ଲକ ଅଧ୍ୟକ୍ଷ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା ହୋଇଥିଲା। ଡ. ଭକ୍ତପୂରଣ ସାହୁ, ଉପେନ୍ଦ୍ର ମହାପାତ୍ର ଆଲୋଚକ ଭାବେ ଯୋଗଦେଇ ଜଗନ୍ନାଥ ଚେତନା ଉପରେ ଆଲୋକପାତ କରିଥିଲେ। ଡ. ସୁନୀଲ କୁମାର ପଣ୍ଡା, ରବି ନାରାୟଣ ପଣ୍ଡା ମଧ୍ୟ ନିଜ ବକ୍ତବ୍ୟ ରଖିଥିଲେ। ଖେଳ ଶିକ୍ଷକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ଛାତ୍ର ଯଶୋବନ୍ତ କୁମ୍ଭାର, ଛାତ୍ରୀ ତୃପ୍ତିମୟୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାଧ୍ୟାପକ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଅର୍ଜୁନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଆର୍ଦ୍ର ପରିସଂସ୍ଥାର ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼,୪।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଆର୍ଦ୍ର ପରିସଂସ୍ଥାର ସୁରକ୍ଷା, ସଂରକ୍ଷଣ ଉପରେ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଲୋଚନାଚକ୍ରରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଲାଲମୋହନ ସିଂ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପରିବେଶ ସଂରକ୍ଷଣ ଦିଗରେ ଯତ୍ନଶୀଳ ହେବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଇକୋ କ୍ଲବ ମାଷ୍ଟର ଟ୍ରେନର ଖମାରୀ ଭାରତର ବିଭିନ୍ନ ପ୍ରାନ୍ତରେ ଅବସ୍ଥିତ ଆର୍ଦ୍ରଭୂମି ସମ୍ପର୍କିତ ଏକ କ୍ଷୁଦ୍ର ସୂଚନା ଚଳଚ୍ଚିତ୍ର ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀ ହଂସିନୀ ପଟେଲ, ଲିପ୍‌ସା ପ୍ରଧାନ, ମାନସୀ ପଟେଲ, ଆଦ୍ୟାଶା ଭୋଇ, ବର୍ଷା ଦେହେରୀ ସେଥିରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

# ବରପାଲିରେ ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରପାଲି,୪।୨(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ଗଙ୍ଗାଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମହରା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଆରଟି ମୁକୁନ୍ଦ ମେହେର ଓ ଶିକ୍ଷକ ସୋହନ ପଧାନ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ଉତ୍ତର ଗଡତିଆ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ 'ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ' ପ୍ରସଙ୍ଗରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକ ସହକାରୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଦୁର୍ଯ୍ୟୋଧନ ସିଂଙ୍କ ତତ୍ତ୍ୱାବଧାନରେ ଚତୁର୍ଥରୁ ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ କନିଷ୍ଠ ବର୍ଗ ଓ ସପ୍ତମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ବର୍ଗରେ ବିଭକ୍ତ କରାଯାଇ ଭାଷା, ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ବରିଷ୍ଠ ବର୍ଗରେ ସୋଲୋ ଡ୍ୟାନ୍ସ (ଏକକ ଅଭିନୟ) ପ୍ରତିଯୋଗିତା ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଆର୍‌ସିସି ଶ୍ରୀନିବାସ ସାହୁ, ରବିନାରାୟଣ ମହାପାତ୍ର, ସଞ୍ଜୟ ସାହୁ, କ୍ଷେତ୍ର ମେହେର, ଉତ୍ତମ ଦେହୁରୀ, ଅଶୋକ କୁମାର ଦାଶ, ସୁଦାମ ମେହେର, ସରୋଜ କୁମାର ଦାସ, ଅନୀଲ କୁମାର ଦାସ, ଲୁପାଞ୍ଜନ ବାରିକ, ମିଥୁନ ସାହୁ, ରାଜେନ୍ଦ୍ର ମେହେର, ନିମାଇଁ ଦାଶ, ବିନୟ କୁମାର ଭୋଇ ସହଯୋଗ କରିଥିଲେ। ବ୍ଲକ ସହକାରୀ ଶିକ୍ଷାଧିକାରୀ ଦୁର୍ଯ୍ୟୋଧନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

**ଗାଇସିଲେଟ୍,୪।୨(ଦୁର୍ଗାପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ବୁରୋମୁଣ୍ଡା ପଡ଼ିଆରେ ଚାଲିଥିବା ବିରେନ୍ଦ୍ର କୁମାର ସାହୁ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ବୁରୋମୁଣ୍ଡା ପଲ୍ଲିଶ୍ରୀ ଆୟୋଜିତ ଉକ୍ତ ପ୍ରତିଯୋଗିତାର ଫାଇନାଲକୁ ଘେଁସ୍ ଏବଂ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଦଳ ଉନ୍ନୀତ ହୋଇଥିଲେ। ଏଥିରେ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଗାଇସିଲେଟ ତହସିଲଦାର ଟିଟସ୍ ମହାନନ୍ଦିଆ ମୁଖ୍ୟଅତିଥି, ସରପଞ୍ଚ ଶରତ କାଳୋ, ସମିତିସଭ୍ୟ ଦେବେନ୍ଦ୍ର ଯୋଷୀ, ପରଦେଶୀ ପ୍ରଧାନ, ରବିନ୍ଦ୍ର ଠାକୁର, ପାଣ୍ଡବ ନନ୍ଦ, ଭାରତ ଦାଶ, ସଞ୍ଜୀବ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ଗୋକୁଳ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହିତ ନଗଦ ୧୦ହଜାର ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ନଗଦ ୭ହଜାର ଟଙ୍କା ପୁରସ୍କୃତ କରିଥିଲେ। ସତାରସେନ ପ୍ରଧାନ, ଗୌରାଙ୍ଗ ପାଣ୍ଡେ, ପ୍ରଦୀପ କୁମାର ଦାଶ, ସୁରେଶ ନାୟକ ଖେଳ ପରିଚାଳନା କରିଥିଲେ। ସିଦ୍ଧେଶ୍ୱର ଛତର, ପ୍ରେମରଞ୍ଜନ ବାଗ, ବାବଲୁ ଗଡ଼ତିଆ, ଆଶୁତୋଷ ସାହୁ, ପ୍ରଭାସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟ ସଙ୍ଗୀତକୁ ସାମୂହିକ ଗାନ କଲେ

**ବରଗଡ଼,୪।୨(ପ୍ରେମାନନ୍ଦ ଖମାରୀ)**

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଶନିବାର ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ସାମୂହିକ ଗାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା, ଡେପୁଟି କଲେକ୍ଟର ପ୍ରଜ୍ଞାନନ୍ଦନ ଗିରି, ଜ୍ୟୋତିରୂପା ଶତପଥି, ଇପ୍‌ସିତା ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡା, ସହାୟକ ଜିଲାପାଳ ଭୁବନାନନ୍ଦ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ

**ସୋନପୁର,୪।୨(ମୃତ୍ୟୁଞ୍ଜୟ ଶତପଥୀ)**

ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୁବର୍ଣ୍ଣପୁର ଜିଲା ଭାଜପା ପକ୍ଷରୁ ରବିବାର ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମନ୍ତ୍ରୀ ପ୍ରଧାନ ବୌଦ୍ଧ ଜିଲାର କଣ୍ଟାମାଳ ବ୍ଲକ ଅଭିମୁଖେ ଯାଉଥିବା ସମୟରେ ସୁବର୍ଣ୍ଣପୁର ଟାଉନ ହଲ ସମ୍ମୁଖରେ ଭାଜପା ନେତୃବୃନ୍ଦ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ଆନନ୍ଦ କୁମାର ବାରିକ୍, ବିଶ୍ୱମ୍ଭର ମିଶ୍ର, ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଦେଷ୍ଣା ନେଗୀ, ନଳିନୀ ପଣ୍ଡା, ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସ୍ୱରୂପ ପାତ୍ର, ଗୋବିନ୍ଦ ବାରିକ, କାଉନସିଲର ଗଙ୍ଗାଧର ତରିଆ ଓ ସୁରେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

### ବାଉଁଶୁଣୀରେ ବୁଣାକାର ମେଳା

**ବାଉଁଶୁଣୀ,୪।୨(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ବାଉଁଶୁଣୀ ଆମ୍ବତୋଟା ପଡିଆରେ ଏକ ବିଶାଳ ବୁଣାକାର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମହାପ୍ରବନ୍ଧକ ଉତ୍ତମ କୁମାର ହାଜାରା ଚୌଧୁରୀ, ଉପ ପ୍ରବନ୍ଧକ ସଞ୍ଜୀବ କୁମାର ଦୈବେ, ଆଞ୍ଚଳିକ ପ୍ରବନ୍ଧକ ମାନସ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ୧୨୧ ଜଣ ବୁଣାକାରଙ୍କୁ ୧ କୋଟି ୬୧ ଲକ୍ଷ ଟଙ୍କାର ଋଣ ପ୍ରଦାନ କରିଥିଲେ। ଏହାସହିତ ୨୧ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସ୍କୁଟି କିଣିବା ନିମନ୍ତେ ଋଣ ପ୍ରଦାନ କରାଯାଇଥିଲା। ବାଉଁଶୁଣୀ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପରେଶ କୁମାର ପଟ୍ଟନାୟକ, କ୍ଷେତ୍ର ଅଧିକାରୀ ସନ୍ଦିପ କୁମାର, ଆଞ୍ଚଳିକ କାର୍ଯ୍ୟାଳୟ ଫୁଲବାଣୀର ମୁଖ୍ୟ ପ୍ରବନ୍ଧକ ପ୍ରଦ୍ୟୁମ୍ନ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଯୁବପିଢ଼ି ହିଁ ଦେଶର ଭବିଷ୍ୟତ

**ବରଗଡ଼,୪।୨(ପ୍ରେମାନନ୍ଦ ଖମାରୀ)**


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରବୃନ୍ଦ ।

ବରଗଡ଼ ଜିଲାସ୍ତରୀୟ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଜମୁର୍ଡ଼ା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ଅଧୀନ ପ୍ରତ୍ୟେକ ବ୍ଲକର ବିଭିନ୍ନ କଲେଜର ପ୍ରାୟ ୧୦ହଜାର ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଅତିଥି ଭାବେ ଯୋଗଦାନ କରିଥିଲେ। ଯୁବପିଢ଼ି ହିଁ ଦେଶର ଭବିଷ୍ୟତ ଏବଂ ଆଗାମୀ ଦିନରେ ସେମାନଙ୍କ ନିଷ୍ଠାପର ଉଦ୍ୟମ ଦ୍ୱାରା ଆମ ରାଜ୍ୟର ସର୍ବାଙ୍ଗୀନ ବିକାଶ ହେବା ସହିତ ଓଡ଼ିଶା ଆଗକୁ ବଢ଼ିବ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ପ୍ରତିଭାର ପରିପ୍ରକାଶ ହେବା ସହିତ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିବ ଏବଂ ବଡ଼ ହୋଇ ସେମାନେ ଦେଶ ଓ ସମାଜ କାର୍ଯ୍ୟରେ ବ୍ରତୀ ହେବେ ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ କହିଥିଲେ। ଏହା ସହିତ ଭଲ ପାଠ ପଢ଼ି ସୁନାଗରିକ ହେବା ପାଇଁ ପାଣ୍ଡିଆନ ପ୍ରେରଣା ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### କଫ୍ ସିରପ୍ ଜବତ, ୨ ଗିରଫ

ରାଉରକେଲା, ୪।୨(ସଙ୍ଗୀତା ଜେନା) ରାଉରକେଲା ଅବକାରୀ ବିଭାଗ ଓ ମୋବାଇଲ ୟୁନିଟ୍ ରବିବାର ମଧ୍ୟାହ୍ନରେ ପାଟ୍ରୋଲିଂ କରୁଥିବା ବେଳେ ରେଲୱେ ଷ୍ଟେଶନ ଦ୍ୱିତୀୟ ଗେଟ୍ ନିକଟରୁ ୩୫୦ ବୋତଲ କଫ୍ ସିରପ୍ ଜବତ ହୋଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସମ୍ବଲପୁର ତାପସ ବାଗ(୨୨) ଓ ସେକ୍ଟର-୧୬ ଅଞ୍ଚଳର ନିଖିଲ ମହାନନ୍ଦ(୨୪)। ଏ ନେଇ ଏକ ମାମଲା (ନଂ.୪୩୪/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଇନସ୍ପେକ୍ଟର କରୁଣାକର ପ୍ରଧାନଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତ ଗିରଫ

ରାଉରକେଲା,୪।୨(ସଙ୍ଗୀତା ଜେନା) ଟାଙ୍ଗରପାଲି ଥାନା ଅନ୍ତର୍ଗତ ଆସୁଛପଲ୍ ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକା(୧୬)ଙ୍କୁ ପ୍ରାୟ ବର୍ଷେ ତଳେ ବଳାତ୍କାର କରାଯାଇଥିଲା। ପୀଡ଼ିତା ସନ୍ତାନ କରିବା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୪୩/୨୪) ରୁଜୁ କରି ଅଭିଯୁକ୍ତ ଯୁବକ ପାସକାଲ୍ ଟପ୍ପୋ (୨୭)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ବିଶ୍ରା ଥାନା ଗୁଞ୍ଜର ଅଞ୍ଚଳର ଏବଂ ସେ ପୂର୍ବରୁ ବିବାହିତ ବୋଲି ଜଣାପଡିଛି।

### କୋଇଡା ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ

ଟେନ୍‌ସା,୪।୧୨(ସମୀର କୁମାର ପାଢ଼ୀ) ସୁନ୍ଦରଗଡ଼ ଜିଲା କୋଇଡା ଗୋପପୁର ସାହିସ୍ଥିତ ଅଞ୍ଜନୀ ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ମହା ଆଡମ୍ବରରେ ସମାପନ ହୋଇଯାଇଛି। ଶନିବାର ସକାଳୁ ଅଞ୍ଚଳର ଶତାଧିକ ମହିଳା ପୁରୁଷ ମନ୍ଦିରରୁ ବାହାରି ବାବା ଲିଙ୍ଗେଶ୍ୱର ମନ୍ଦିର ତୁଠରୁ କଳସ ଯାତ୍ରା ସହ କୋଇଡା ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚି ଥିଲେ। ପୂଜାର୍ଚ୍ଚନା ସହ ପ୍ରସାଦ ସେବନ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କୁନି କୁନି ଶିଶୁଙ୍କ ଦ୍ୱାରା ପରିବେଷଣ କରାଯାଇ ତାଙ୍କୁ ପୁରସ୍କୃତ କରାଯାଇଥିଲା। ପଞ୍ଚମୁଖୀ ହନୁମାନ ମନ୍ଦିର କମିଟି ସଭାପତି ହୃଷିକେଶ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦକ ସଞ୍ଜୀବ ମହାପାତ୍ର, କୋଷାଧ୍ୟକ୍ଷ ପରମାନନ୍ଦ ନାଏକ, ଅଶୋକ କୁମାର ନାଏକ, ଗୌରୀଶଙ୍କର ପାତ୍ର, ଅରୁଣ ଦଳବେହେରା, ବିଦ୍ୟାଧର ମାହାନ୍ତ, ଗୋବିନ୍ଦ ବାରିକ, ସଦାନନ ଦେହୁରୀ, ଅରୁଣ ନାଏକ, ଅନିତା ନାଏକ, ବିରବର ବେହେରା, ଅର୍ଜୁନ ଦେହୁରୀ, ମନୋଜ ପଟ୍ଟନାୟକ,ସୁଦର ପଣ୍ଡା ପ୍ରମୁଖଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସବୁଠିବନ୍ଦେଉତ୍କଳଜନନୀ

ନୂଆଗାଁ,୪। ୨(ବିଜୟ ତ୍ରୀପାଠୀ) ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍କୁଲ, ପଞ୍ଚାୟତ କାର୍ଯ୍ୟାଳୟ,ବିଇଓଙ୍କ କାର୍ଯ୍ୟାଳୟରେ ଶନିବାର ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ବ୍ଲକରେ ଭାଷା ସମ୍ମିଳନୀକୁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ବିଡିଓ ଜ୍ୟୋତିବିକାଶ ଦାସ, ଜିପିଓ ପ୍ରଦୀପ କୁମାର ସାହୁ, ସମିତି ସଭ୍ୟ ଦିଗାମ୍ବର ଦାସ,ବିଜେଡି ନେତ୍ରୀ ଏମ୍ମା ଏକ୍କା, ଜିଲା ପରିଷଦ ସଭ୍ୟା ଜ୍ୟୋତିଦଳରସା ଟେଟେଙ୍କ ସମେତ ବିଭିନ୍ନ ଜନ ପ୍ରତିନିଧି ଓ ବିଭିନ୍ନ କଲେଜର ଓଡ଼ିଆ ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ରହି ବନ୍ଦେଉତ୍କଳ ଜନନୀ ଗାନ କରିଥିଲେ। ସେହିଭଳି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯାଳୟରେ ମଧ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ବନ୍ଦେଉତ୍କଳ ଜନନୀ ଗାନ କରାଯାଇ ଥିଲା। ନୂଆଗାଁ ବିଇଓ ସସ୍ମିତା ବେହେରା, ସହକାରୀ ଶିକ୍ଷାଅଧିକାରୀ ବାନେ କେଛୁଆ, ବନମାଳୀ ମଲ୍ଲିକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିଭଳି ବିଭିନ୍ନଶିକ୍ଷା ଅନୁଷ୍ଠାନ ଗୁଡିକରେ ମଧ କୁନି କୁନି ଛାତ୍ରୀଛାତ୍ର ବନ୍ଦେ ଉତ୍କଳଜନନୀ ଗାନ କରିଥିଲେ। ସ୍କୁଲ ଗୁଡିକରେ କୁଇଜ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ଉଠୁନି ଅଳିଆ, ବଢୁଛି ମଶାବଂଶ

ରାଉରକେଲା,୪।୨(ବିପ୍ଳବ ରଞ୍ଜନ ଦାଶ) ରାଉରକେଲା ସହରର ବିଭିନ୍ନ ସ୍ଥାନରେ ପଡିଥିବା ଅଳିଆ ଆବର୍ଜନା ଉଠାଯାଉନାହିଁ। ଏବଂ ଠିକ୍ ଭାବେ ଡ୍ରେନ ସଫେଇ କରାଯାଉନାହିଁ। ଫଳରେ ସହରରେ ମଶା, ମାଛି ବୃଦ୍ଧି ପାଉଛି। ଏଣୁ ସମୟ ପୂର୍ବରୁ ଅଳିଆ ଆବର୍ଜନା ଉଠା ନ ଗଲେ ଆଗକୁ ସହରବାସୀଙ୍କୁ ଡେଙ୍ଗୁ ମ୍ୟାଲେରିଆ ବ୍ୟାପିବା ଆଶଙ୍କା ପ୍ରକାଶ ପାଇଛି।

ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ (ଆର୍‌ଏମ୍‌ସି) ଅଧୀନ ୪୨ଟି ୱାର୍ଡରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ସହ ଆବର୍ଜନା ମାତ୍ରା ମଧ ବୃଦ୍ଧି ପାଇଛି। ଆବର୍ଜନା ଜନିତ ପ୍ରଦୂଷଣରୁ ମୁକ୍ତି ଓ ମଶାମାଛି ବଂଶବୃଦ୍ଧି ନିୟନ୍ତ୍ରଣ ପାଇଁ ଆର୍‌ଏମ୍‌ସି ତରଫରୁ ବାର୍ଷିକ ୧୧କୋଟି ୧୧ଲକ୍ଷ ୨୦ହଜାର ୧୨ଟଙ୍କା ବ୍ୟୟବରାଦ ହେଉଛି। ୨୦୦୧ରେ ମୋଟ ୩୨ଟି ୱାର୍ଡ ଥିଲା। ସେହିପରି ଜନସଂଖ୍ୟା ୨ଲକ୍ଷ ୩୦ହଜାର ଥିଲା। ସାନିଟାଇଜ ବିଭାଗରେ ୯୮୫ କର୍ମଚାରୀ ଥିଲେ। ସେତେବେଳେ ଅପଶିଷ୍ଟ ଅଳିଆ ମୁଣ୍ଡପିଛା ୦.୫ କେଜି ଥିଲା। ଅଳିଆ କୁଣ୍ଡ ୧୧୫ଟି ରହିଥିଲା। ଦୈନିକ ୭୦ ଗାର୍ବେଜରୁ ଅଳିଆ ଉଠୁଥିଲା। ବାଲୁଘାଟରେ ୧୦ ଏକର ଜମିରେ ଅଳିଆ ବିଶୋଧନ ହୋଇ କମ୍ପୋଷ୍ଟ ହେଉଥିଲା। ଛେଣ୍ଡରେ ୬୦ଏକର ଜମିରେ ସାନିଟାଇଜ ଲାଣ୍ଡଫିଲ କରାଯାଇ ସହରକୁ ଆବର୍ଜନା ମୁକ୍ତ କରିବା ସହିତ ମଶା, ମାଛି ମୁକ୍ତ କରିବା ପାଇଁ ପ୍ରୟାସ କରାଯାଇଥିଲା। ମାତ୍ର ୨୦୧୧ ପରେ ସହରର ଜନସଂଖ୍ୟା ୪ଲକ୍ଷକୁ ବୃଦ୍ଧି ପାଇଲା। ଦୈନିକ ୧୫୦ ଏମ୍‌ଟି ଆବର୍ଜନା ସଲିଡ ୱେଷ୍ଟ ପୁନଃଚକ୍ରଣ ମାଧ୍ୟମରେ ବିଶୋଧନ ହେଲା। ଦୈନିକ ୩୩୩ ସିୟୁଏମ ସଲିଡ ୱେଷ୍ଟରୁ ୬୭ ସିୟୁଏମ୍ ସଲିଡ ୱେଷ୍ଟ ପୁନଃଚକ୍ରଣ ହୋଇ କମ୍ପୋଷ୍ଟ ଖତ ଉତ୍ପାଦନ ହେଲା। ଏଥିସହ ଆରଏସମି ପକ୍ଷରୁ ସହରାଞ୍ଚଳରେ ମଶା, ମାଛି ପ୍ରାଦୁର୍ଭାବ ରୋକିବା ପାଇଁ ପ୍ରତିଦିନ ରୁଟିନ ଅନୁଯାୟୀ ସହରସାରା ଯାନ ମାଧ୍ୟମରେ ମଶାମରା ଧୂଆଁ ପ୍ରୟୋଗ କରାଯାଉଛି। ଏହାବ୍ୟତୀତ ୮ଟି ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ରରେ ସଲିଡ ୱେଷ୍ଟ ପୁନଃଚକ୍ରଣ ହେଉଛି। ତଥାପି ସହର ଆବର୍ଜନା ବଳୟରୁ ମୁକ୍ତ ହୋଇପାରୁନାହିଁ। ସହରରେ କେବେଠାରୁ ଅଳିଆ କୁଣ୍ଡ ବ୍ୟବସ୍ଥା ବନ୍ଦ ହୋଇଯାଇଛି। ଅଧିକାଂଶ ସ୍ଥାନରୁ ନିୟମିତ ଅଳିଆ ଉଠାଯାଉନାହିଁ। ବିଶ୍ରା ଛକସ୍ଥିତ ବସଷ୍ଟାଣ୍ଡ, ତରକେରା, ପାନପୋଷ ବସ୍ତିର ଶବ ବ୍ୟବଚ୍ଛେଦ ପରିସର, ଛେଣ୍ଡ ବିଭିନ୍ନ ବସ୍ତି, ବାଲୁଘାଟ ଓ ବାସନ୍ତୀ ନଗର ଅଞ୍ଚଳ ଏବଂ ଶ୍ରମ ବିଭାଗ ପଛପଟେ ଗଛିତ ରହୁଥିବା ଅଳିଆ ଆବର୍ଜନା ଦିନ ଦିନ ଧରି ଉଠୁନାହିଁ। ଗଛିତ ଅଳିଆ ଗଦାରୁ ମଶା ମାଛି ବଂଶବିସ୍ତାର ହେଉଛି। ଏ ନେଇ ଆରଏମସି ସାନିଟାଇଜ ନିର୍ବାହୀ ସହଯୋଗୀ ରୋହିତ ଗିଧିଙ୍କୁ ପଚାରିବାରୁ ସେ କହିଥିଲେ, ସହରକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ପରିମଳ ରଖିବା ପାଇଁ ଆପ୍ରାଣ ଉଦ୍ୟମ ଚାଲିଛି। ସହରର ସଲିଡ ୱେଷ୍ଟକୁ ଉଠାଯାଇ ପୁନଃଚକ୍ରଣ ମାଧ୍ୟମରେ ବିଶୋଧନ କରାଯାଉଛି। ଆଗକୁ ସହରାଞ୍ଚଳରେ ଯେଭଳି ସମ୍ପୂର୍ଣ୍ଣ ପରିମଳ ବଜାୟ ରହିବ ତାହା ଉପରେ ଯୋଜନା ପ୍ରସ୍ତୁତ ଚାଲିଛି ବୋଲି ଗିଧି କହିଥିଲେ।


ବସଷ୍ଟାଣ୍ଡ ଛକରେ କୁଢ କୁଢ ଅଳିଆ ଆବର୍ଜନା।


ମଶାମାଛି ନିୟନ୍ତ୍ରଣ ପାଇଁ ଧୂଆଁ ଛଡାଯାଉଛି।

# ଉଠାଜଳସେଚନ ନିଗମ ଅଧ୍ୟକ୍ଷଙ୍କ କ୍ଷେତ୍ର ପରିଦର୍ଶନ

ରାଉରକେଲା,୪।୨ (ବିପ୍ଳବ ରଞ୍ଜନ ଦାଶ) ଓଏଲଆଇସିର ଅଧ୍ୟକ୍ଷ ଅମରେଶ ପତ୍ରି ରାଉରକେଲା ଉଠାଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟକୁ ଶନିବାର ଗସ୍ତ କରିଥିଲେ। ସେ ସମସ୍ତ ବିଭାଗ, ଉପ ବିଭାଗ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକରେ ରାଉରକେଲା ଉପଖଣ୍ଡର ସୁବିଧା ଅସୁବିଧା ଉପରେ ବିଚାର ବିମର୍ଶ କରିଥିଲେ। ପରେ ପତ୍ରି ବିଭାଗୀୟ ଯନ୍ତ୍ରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ପତ୍ରି ନୂଆଗାଁ ବ୍ଲକ ଗସ୍ତରେ ଯାଇ କେତେକ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଓ ଗୋଷ୍ଠୀ ନଳକୂପ ପରିଦର୍ଶନ କରିଥିଲେ। ପରେ ସେ ବାର୍ଲିପେଟା ୨୫ଏକର ଓ ଡୋଲଙ୍ଗସରାର ୪୦ଏକର ପରିବା କ୍ଷେତ୍ର ବୁଲି ଦେଖିଥିଲେ। ଏଥିସହିତ ରାଉରକେଲା ଉପଖଣ୍ଡସ୍ଥ ବିଭିନ୍ନ ବ୍ଲକରେ ୨୦/୨୫ବର୍ଷ ତଳୁ ନିର୍ମିତ ବିଭିନ୍ନ ପାଇପ ଲାଇନ ଅଚଳ ବ୍ୟବସ୍ଥା ଥିବା ଜାଣି ତାର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପତ୍ରି ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଓଏଲଆଇସି ଅଧୀକ୍ଷଣ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ତ୍ରିପାଠୀ, ନିର୍ବାହୀ ଯନ୍ତ୍ରୀ ମନୋରନ ନାୟକ, କନିଷ୍ଠ ଯନ୍ତ୍ରୀ ପଲ୍ଲବୀ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ତିରୁପତି ନନ୍ଦଙ୍କ ସମେତ ବହୁ ଅଧିକାରୀ, ଲୋକ ପ୍ରତିନିଧି, ଚାଷୀ ଉପସ୍ଥିତ ଥିଲେ।


ଓଏଲଆଇସି ଅଧ୍ୟକ୍ଷ ବାର୍ଲିପେଟାରେ ଫୁଲଚାଷ ପରିଦର୍ଶନ କରୁଛନ୍ତି।

# ଠାକୁରଙ୍କ ବିଧାନ ହିଁ ସମାଜକୁ ଠିକ୍ ବାଟରେ ନେବ


ମହୋତ୍ସବରେ ଅତିଥି, ଭକ୍ତ ଓ ଭବ୍ୟ ମଣ୍ଡପ।

### ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ

ରାଉରକେଲା,୪।୨(ସଙ୍ଗୀତା ଜେନା) ଠାକୁରଙ୍କ ବିଧାନକୁ ଅନୁସରଣ କରିବାକୁ ପଡ଼ିବ। ଏହାକୁ ପାଥେୟ କରି ଆଗେଇଲେ ଉଜ୍ଜ୍ୱଳ ଭବିଷ୍ୟତ ଓ ସତ୍‌ମାର୍ଗର ପଥ ପରିଷ୍କାର ହେବ। ଜାତି, ଧର୍ମ ନିର୍ବିଶେଷରେ ପ୍ରତିଟି କର୍ମ ଭିତର ଦେଇ ଧର୍ମକୁ ପ୍ରତିପାଳନ କରିବାକୁ ପଡ଼ିବ। ଏହାଦ୍ୱାରା ସମାଜ ସୁଧୁରିବା ସହ ଜୀବନ ଓ ଚରିତ୍ର ଔଜଲ୍ୟ ହେବ। ସେକ୍ଟର-୧୩ ମେଳଣ ପଡ଼ିଆରେ ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ଓ ୭ମ ଇଷ୍ଟୀଦୀପନା ମହୋତ୍ସବରେ ଆତିଥ୍ୟ ଗ୍ରହଣ କରି ବରେଣ୍ୟ ଅତିଥି ଆର୍‌ଡିସି ଏସ୍. ସି. ଦଳେଇ ଏହି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଆର୍‌ଏସ୍‌ପି ଡିଆଇସି ଅତନୁ ଭୌମିକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, କଂଗ୍ରେସ ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ। ପ୍ରତ୍ୟୁଷରେ ଉଷାକୀର୍ତ୍ତନ, ସଦ୍‌ଗ୍ରନ୍ଥ ପାଠ, ସାଧାରଣ ସଭା ମାତୃ ସମ୍ମିଳନୀ, ନଗର କୀର୍ତ୍ତନ ହୋଇଥିଲା। ସେକ୍ଟର-୨୧ ସତ୍‌ସଙ୍ଗ ରାଉରକେଲା ଶାଖା ନିକଟରୁ ନଗର କୀର୍ତ୍ତନ ଆରମ୍ଭ ହୋଇ ରେଳବାଇ କଲୋନୀ, ବାସନ୍ତୀ କଲୋନୀ, ଛେଣ୍ଡ ପରିକ୍ରମା କରି ଶେଷରେ ସେକ୍ଟର-୧୩ ଭବ୍ୟ ଆୟୋଜନସ୍ଥଳୀରେ ପହଞ୍ଚିଥିଲା। ଏହି ଅବସରରେ ଜୈନ, ଶିଖ୍, ଖ୍ରୀଷ୍ଟ ଧର୍ମଗୁରୁ ତଥା ବେଦବ୍ୟାସ ପଣ୍ଡିତମାନେ ବେଦ ପାଠ କରିଥିଲେ। ଏହି ଅବସରରେ ରାଉରକେଲାର ବିଭିନ୍ନ ସ୍କୁଲରୁ ୫ଶହ ଛାତ୍ରୀଛାତ୍ର ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ସେହିପରି ଭୁବନେଶ୍ୱର, ସମ୍ବଲପୁର, ସୁନ୍ଦରଗଡ଼, ରାଉରକେଲାର ୨୦ଜଣ ବିଶେଷଜ୍ଞ ଡାକ୍ତର ମାଗଣା ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ସନ୍ଧ୍ୟାରେ ପ୍ରବଚନ, ବିନତୀ ପ୍ରାର୍ଥନା ସଭା ଓ ସଦ୍‌ଗ୍ରନ୍ଥ ପାଠ କରାଯାଇଥିଲା। ଏହି ଅବସରରେ ଓଡ଼ିଶୀ ଓ ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ୩୦ଟି ଜିଲାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ରାଧାକାନ୍ତ ମିଶ୍ର, ବସନ୍ତ ଜେନା, ଶାନ୍ତନୁ ନାୟକ, ଅଶୋକ ରାୟ, ଗୟାଧର ରାଉଳ, ସୁକାନ୍ତ ଲେଙ୍କା, ପୁରୁଷୋତ୍ତମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନ୍ୱେଷଣର ବାର୍ଷିକ ଉତ୍ସବ

ରାଉରକେଲା,୪।୨(ସଙ୍ଗୀତା ଜେନା) ସାମାଜିକ ଅନୁଷ୍ଠାନ ଅନ୍ୱେଷଣ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଦକ୍ଷିଣ ରାଉରକେଲା ସ୍ଥିତ ବାଲିଯୋଡ଼ି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନର ୧୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଉଦ୍‌ଘାଟନ କରି କହିଥିଲେ, ସାହିତ୍ୟ ଓ କଳାର ବିକାଶ ପାଇଁ ସରକାର ସଦାସର୍ବଦା ଯତ୍ନବାନ ଅଛନ୍ତି। ଭାଷା ସୁଦୃଢ଼ ହେଲେ ବିକାଶ ସୁଦୂରପ୍ରସାରୀ ହୋଇପାରିବ ବୋଲି ତରାଇ କହିଥିଲେ। ସଭାପତି ଅରୁଣ ପରିଡ଼ାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ମହେନ୍ଦ୍ର ପଟ୍ଟନାୟକ, ଡା. ଫକୀର ଚରଣ ହୋତା, ଏସ୍‌ବିଆଇ ଶାଖା ପରିଚାଳକ ରଶ୍ମିତା ବୈଦ୍ୟ, ସାହିତ୍ୟକ ବିଜୟଲକ୍ଷ୍ମୀ ପଟ୍ଟନାୟକ, ସାମାଜିକ କର୍ମୀ ହରିହର ଶତପଥୀ, ଯୁବ ପ୍ରତିଭା ମାନୁ ମହାପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଭାଷା ସାହିତ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସମ୍ପାଦିକା ସଚଳା ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର ୩୯ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଭାରତୀ ବାସ୍କେ, ଅନନ୍ତ ଜେନା, ମୁରଲୀଧର ଦାଶ, ବିଶ୍ୱନାଥ ପଟ୍ଟନାୟକ, ରୀତା ଲେଙ୍କା ପ୍ରମୁଖ ଭାଷା ସାହିତ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଇଏସ୍‌ଆଇସି ଡା. ବିଷ୍ଣୁପ୍ରିୟା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ନୃତ୍ୟ ପରିବେଷଣ କରାଯାଇଥିଲା।

# କ୍ରିକେଟ୍: ଜିମ୍‌ଖାନା ଚାମ୍ପିୟନ

ରାଉରକେଲା,୪।୨(ଦିନେଶ ମିଶ୍ର) ବାସନ୍ତୀ କଲୋନୀ ସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ୧୭ତମ ପ୍ରକାଶ ସ୍ମାରକୀ ଅଲ୍ ଓଡିଶା କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ରାଉରକେଲା ସମେତ ୧୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ରାଉରକେଲା ଜିମ୍‌ଖାନା ଓ ସେକ୍ଟର-୬ ଆରଏସ୍‌ଏ ଦଳ ମଧ୍ୟରେ ଖେଳାଯାଇଥିଲା। ଜିମ୍‌ଖାନା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ ହରାଇ ୨୨୬ ରନ କରିଥିଲା। ଜବାବରେ ଆରଏସ୍‌ଏ ଦଳ ୨୯ ଓଭରରେ ୧୫୧ ରନ କରି ଅଲଆଉଟ୍ ହୋଇଯାଇଥିଲା। ଫଳରେ ଜିମ୍‌ଖାନା ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶ୍ରୀ ମହାବୀର ଫେରୋର ଉପସଭାପତି ପରମେଶ ଭଟ୍ଟାଚାରିଆ ମୁଖ୍ୟ ଅତିଥି, ୱାଇସିସି କ୍ଲବ୍‌ର ଅଧ୍ୟକ୍ଷ ଅଶେଷ କୁମାର ମହାନ୍ତି, ନିମୁ ଜେନ୍, ଈଶ୍ୱର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳ ଜିମ୍‌ଖାନାକୁ ୨୫ ହଜାର ୫୫୫ ଟଙ୍କା ସହ ଟ୍ରଫି ଏବଂ ଆରଏସ୍‌ଏ ଦଳକୁ ରନର୍ସ ଅପ୍ ଭାବେ ୧୮ହଜାର ୫୫୫ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଜିମ୍‌ଖାନାର କୌଶିକ ଦାସଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଓ ମ୍ୟାନ୍ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ବ୍ୟାଟର ଭାବେ ଆଲୋକ ପ୍ରଧାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି କୌଶିକ ଦାସଙ୍କୁ ବେଷ୍ଟ ବୋଲର ଓ ସ୍ୱସ୍ତିକ ସାମଲ, ଆଶୀର୍ବାଦ ସ୍ୱାଇଁ, ବିଷ୍ଣୁକମଲ ବେଉରିଆ, କୌଶତିକ ମହାନ୍ତିଙ୍କୁ ଇମର୍ଜିଂ ପ୍ଲେୟାର ଭାବେ ପୁରସ୍କୃତକ କରାଯାଇଥିଲା। ପ୍ରଭାତ ଶୁକ୍ଳା ଓ ପତିତପାବନ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ଟ୍ରଷ୍ଟି ଶୁଭେନ୍ଦୁ ଧଳ, ବିଷ୍ଣୁକମଲ ବେଉରିଆ, ଅଭିଷେକ ସାଡୁଆଲ, ସୌରଭ ବେହେରା, ଅହମ୍ମଦ ହୁସେନ୍, ଉପଦେଷ୍ଟା ପିୟୁଷ ସାମଲ, ସଭାପତି ବାନାମ୍ବର ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଫାଇନାଲ ମ୍ୟାଚ୍‌ରେ ଟ୍ରଫି ସହ ଅତିଥିବୃନ୍ଦ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ରାଉରକେଲା,୪।୨(ଦିନେଶ ମିଶ୍ର) ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ମଧୁସୂଦନ ଦାସଙ୍କ ୯୧ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତାମାନେ ଷ୍ଟେଶନରୋଡ୍‌ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ସଂଘ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ଜଣ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଇସ୍ପାତ ଜେନେରାଲ ହସ୍ପିଟାଲର ନିର୍ଦ୍ଦେଶକ ଡକ୍ଟର ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଭଣ୍ଡାର ମୁଖ୍ୟ ଡକ୍ଟର ପଙ୍କଜ କୁମାର ଦାସ ଓ ତାଙ୍କ ସହଯୋଗୀ ରକ୍ତ ସଂଗ୍ରହ କରିଥିଲେ। ଘନଶ୍ୟାମ ଧଳ, ରାଧାମୋହନ ନାୟକ, ଅରବିନ୍ଦ ପାତ୍ର, ଅଶୋକ ପଟ୍ଟନାୟକ, ଡକ୍ଟର ଜ୍ଞାନରଞ୍ଜନ ବାରିକ, ଡକ୍ଟର ସାମର୍ଥ ଦା. ଇନ୍ଦ୍ରମଣି ମହାପାତ୍ର, ଅର୍ଜୁନ ଭୂୟାଁ, ପ୍ରସନ୍ନ ମହାନ୍ତି, ଶାନ୍ତନୁ ମହାନ୍ତି, ପ୍ରତାପ କୁମାର ସ୍ୱାଇଁ, ବରୁଣ ନାହାକ, ତପସ୍ୱିନୀ ବହିଦାର, ଜିତେନ୍ଦ୍ର ମଲ୍ଲିକ, ହରିହର ଶତପଥୀ, ଶରତ ପଣ୍ଡା, ମନୋରଞ୍ଜନ ଦାସ, ଶରତ ପଣ୍ଡା, ରତିକାନ୍ତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ରଶ୍ମିରଞ୍ଜନ ବୋଇତା ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା ମାସ ପାଇଁ କୁଇଜ୍ ପ୍ରତିଯୋଗିତା


ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ପୁରସ୍କୃତ ହେଉଛନ୍ତି।

ରାଉରକେଲା,୪।୨(ବିପ୍ଳବ ରଞ୍ଜନ ଦାଶ) ଆର୍‌ଏସ୍‌ପିର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୧ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଡକ ସୁରକ୍ଷା ନିୟମ ପାଳନ କରିବା ଓ ଅନ୍ୟଙ୍କୁ ନିୟମ ଅନୁପାଳନରେ ଉତ୍ସାହିତ କରିବା ପାଇଁ ଓଡିଆ, ହିନ୍ଦୀ ଓ ଇଂରାଜୀରେ ସୁରକ୍ଷା ସଂକଳ୍ପ କରାଯାଇଥିଲା। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା ଓ ଆଇଇଏମ୍‌ଏସ୍ ସେକ୍ଟର-୨୦ର ଅଧ୍ୟକ୍ଷା ଡାକ୍ତର ସୁଶ୍ରୀତା ଦାସ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ୬ଜଣ ବିଜେତା ଘୋଷିତ ହୋଇଥିବା ବେଳେ ୪ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଏଜିଏମ୍ ବିକ୍ରମ କୁମାର ପାଢ଼ୀ ଓ ଡେପୁଟି ମ୍ୟାନେଜର ଚିନ୍ମୟ ସାବତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସ୍ୱପ୍ନ ନ ଥିଲେ ସଫଳତା ଆସେନି

### ୟୁଜିଆଇ ଆଲୁମ୍ନି ଆସୋସିଏଶନର ବାର୍ଷିକୋତ୍ସବ

ରାଉରକେଲା,୪।୨(ଦିନେଶ ମିଶ୍ର) ରାଉରକେଲା ଜେଲ ରୋଡ୍‌ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ (ୟୁଜିଆଇ) ଆଲୁମ୍ନି ସଂଘର ଦ୍ୱିତୀୟ ବାର୍ଷିକୋତ୍ସବ ସଭାପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠ ପଢିବା ସମୟରେ ବିଦ୍ୟାର୍ଥୀମାନେ ଭବିଷ୍ୟତ ଲକ୍ଷ୍ୟ ନେଇ ସ୍ୱପ୍ନ ଦେଖିବା ସହ କଠିନ ପରିଶ୍ରମ କଲେ ସଫଳତା ସୁନିଶ୍ଚିତ ମିଳିଥାଏ ବୋଲି ମତପ୍ରକାଶ କରିଥିଲେ। କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀ ବିଟେଶ୍ୱର ଟୁଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୟୁଜିଆଇ କଲେଜ ମାଟି ହେଉଛି ପବିତ୍ର ମାଟି। ଏହି ମାଟିରୁ ପାଠପଢ଼ି ରାଜ୍ୟ ତଥା ଦେଶ ପାଇଁ ବହୁ ଛାତ୍ର ବିଭିନ୍ନ କ୍ଷେତ୍ରରେ ଗୌରବ ଅର୍ଜନ କରିଛନ୍ତି। ତେଣୁ ଏହି କଲେଜ ବିଦ୍ୟାର୍ଥୀମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ। ଆସୋସିଏସନ ସମ୍ପାଦକ ଶୁଭେନ୍ଦୁ କୁମାର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସଭାପତି ପ୍ରଶାନ୍ତ କୁମାର ବେହେରା, ବୈଲୋଚନ ସାମଲ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, କଲେଜ ଅଧ୍ୟକ୍ଷା ପ୍ରଗତି ଦାସ, ଆରଏସ୍‌ପି ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ ମଞ୍ଚାସୀନ ଥିଲେ।

ଦ୍ୱିତୀୟ ଅଧିବେଶନରେ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ର ସଂଘର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଇପିଏସ୍ ପଞ୍ଚାନନ ବେହେରା ଓ ପୁରୁଷୋତ୍ତମ ସେଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଏକ ସ୍ମରଣିକା 'ଟେକ୍‌ଫିନିଟି' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଫୁଲ୍ଲ କୁମାର ପ୍ରଧାନ ଓ ପ୍ରସନ୍ନ କୁମାର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ବୈଲୋଚନ ସାମଲ, ଅନାଦି ବିଶ୍ୱାଳ, ଡ. ଶୁଭାସିନୀ ଜେନା, ପଙ୍କଜ ସମାନ୍ତ, ଚକ୍ରଧର ପ୍ରଧାନ, ରତ୍ନାକର ଖଣ୍ଡୁଆଳ, ଛବିତା ଦାସ, ବସନ୍ତ ଗନ୍ତାୟତ, ଅଭିସନ୍ ଟୋପୋ, ଇପ୍‌ସିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଶୁଭେନ୍ଦୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଅମୃତ ସାଗର ବିନ୍ଦୁ କବିତା ଆସର

ସମ୍ବଲପୁର,୪।୨(ବି.ଶଙ୍କର)

କଲମ ଅନୁଷ୍ଠାନ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଅମୃତ ସାଗର ବିନ୍ଦୁ କବିତା ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଏମ୍‌ୟୁ ଅଧ୍ୟାପନା ପ୍ରକୋଷ୍ଠରେ ଆୟୋଜିତ କାର୍ଯ୍ୟକ୍ରମରେ କବି ଜୟକୃଷ୍ଣ ବେହେରା ଅଧ୍ୟକ୍ଷତା କରିଥିଲେ। ଜିଏମ୍‌ୟୁ କୁଳପତି ପ୍ରଫେସର ଏନ.ନାଗାରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟର ପ୍ରଚାରପ୍ରସାର ପାଇଁ ଅଧିକରୁ ଅଧିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବିଶିଷ୍ଟ ଗୀତିକାର ତଥା ନାଟ୍ୟକାର ବିନୋଦ ପଶାୟତ ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଓ ସାହିତ୍ୟ ସୃଷ୍ଟି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କଲମ ପରିବାର ପକ୍ଷରୁ ତାଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଜିଏମ୍‌ୟୁ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାଶ, ବରିଷ୍ଠ ଖବରଦାତା ଶ୍ୱେତ କୁମାର ପ୍ରଧାନ, କବି ଲକ୍ଷ୍ମୀ ନାରାୟଣ ହୋତା, ଐତିହାସିକ ଦୀପକ କୁମାର ପଣ୍ଡା ସମ୍ମାନିତ ଅତିଥି ପ୍ରମୁଖ ଯୋଗଦାନ କରି ଓଡ଼ିଆ ଭାଷା ସାହିତ୍ୟର ଅତୀତ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ବାବଦରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଆବାହକ ତଫିଜୁଲ ହୋସେନ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ଦୁଇଟି ପର୍ଯ୍ୟାୟରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀନାରାୟଣ ପଣ୍ଡା, ଶିବଶଙ୍କର ପ୍ରଧାନ, ଡ.ଦାଶରଥି ବେହେରା ଏବଂ ଜିଏମ୍‌ୟୁ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ତରଣୀସେନ ମେହେର, ମୋହିନୀ ହୋତା, ଶିବାନୀ ପାଢ଼ୀ ଓ ସାକ୍ଷୀ ଅଗ୍ରୱାଲ ସଂଯୋଜନା କରିଥିଲେ। ଗବେଷକ ଅର୍ଜୁନ କୁମାର ମହାରଣା, ବିଚିତ୍ରା ବାଗ, ମିନାକ୍ଷୀ ଷଣ୍ଢ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କବିତା ଆସରରେ ୮୫ ଜଣ କବି ଓ କବୟିତ୍ରୀ ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ବିୟୋଗ

ସମ୍ବଲପୁର,୪।୨(ପ୍ରମୋଦ ବହିଦାର)

ସମ୍ବଲପୁରର ଅବସରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଜ୍ଞେଶ୍ୱର



ରାୟଗୁରୁଙ୍କ ସ୍ତ୍ରୀ କନକପ୍ରଭାଙ୍କ ରବିବାର ପ୍ରତ୍ୟୁଷରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ଗତ କିଛିଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ିତ ଥିଲେ। ସେ ସାକ୍ଷୀପଡ଼ାସ୍ଥିତ ନିଜ ବାସଭବନରେ ରହି ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁତ୍ର ମାନବେନ୍ଦ୍ର, ଅମରେନ୍ଦ୍ର, ବଟକୃଷ୍ଣଙ୍କ ସହିତ ତିନି ପୁତ୍ରବଧୂ, ନାତି, ନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣା, ମେଳାପୀ, ମିଷ୍ଟଭାଷୀ, ପରପୋକାରୀ ମହିଳା ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ।

# ମା’ ସମଲେଇ ଦର୍ଶନ ନିମନ୍ତେ ବିଭିନ୍ନ ଜିଲାରୁ ଆସିବେ ଭକ୍ତ

## ସୁଚାରୁରୂପେ ଦର୍ଶନ ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

ସମ୍ବଲପୁର,୪।୨(ଭବାନୀଶଙ୍କର ଭୋଇ)

ମା’ସମଲେଇଙ୍କ ପ୍ରକଳ୍ପ ପରିକ୍ରମା ଉଦ୍‌ଘାଟନ ପରେ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଆହୁରି ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସୋମବାରଠାରୁ ମା’ ସମଲେଇଙ୍କ ଦର୍ଶନ ନିମନ୍ତେ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଭକ୍ତ ଆସିବେ। ଭକ୍ତଙ୍କ ଉତ୍ତମ ଦର୍ଶନ କରିବା ପାଇଁ ରବିବାର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମନ୍ଦଲିଆ ପଡିଆରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭକ୍ତ ପହଞ୍ଚିବାଠାରୁ ଆରମ୍ଭ କରି ଫେରିବା ପର୍ଯ୍ୟନ୍ତ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥାକୁ ସୂଚାରୁରୂପେ ତୁଲେଇବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯେ, ସୋମବାର ବଲାଙ୍ଗୀର ଜିଲାର ଲୋଇସିଂହା, ଝାରସୁଗୁଡା ଜିଲାର ଝାରସୁଗୁଡା, ନୂଆପଡ଼ା ଜିଲାର ଖରିଆର ଏବଂ ବରଗଡ ଜିଲାର ଅତାବିରା ନିର୍ବାଚନମଣ୍ଡଳୀର ଭକ୍ତମାନେ ଆସି ମା’ଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୬ ତାରିଖରେ ସୋନପୁର ଜିଲାର ବୀରମହାରାଜପୁର ନିର୍ବାଚନମଣ୍ଡଳୀ, ବଲାଙ୍ଗୀର ଜିଲାର ବଲାଙ୍ଗୀର, ସୁନ୍ଦରଗଡ଼ର ତଳସରା ଏବଂ ବୀରମିତ୍ରପୁର, ୭ ତାରିଖରେ କଳାହାଣ୍ଡି ଜିଲାର ଭବାନୀପାଟଣା, ବରଗଡ଼ର ପଦ୍ମପୁର, ସୁନ୍ଦରଗଡ଼ର ରାଜଗାଙ୍ଗପୁର ଏବଂ ବୌଦ୍ଧର କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ଭକ୍ତ ଦର୍ଶନ କରିବେ। ୮ରେ ସୁନ୍ଦରଗଡ଼ ଜିଲାର ବଣାଇ, ବରଗଡ଼ର ଭଟଲି, ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ଏବଂ କଳାହାଣ୍ଡି ଜିଲାର ଜୁନାଗଡ଼, ୯ରେ ସମ୍ବଲପୁର ଜିଲାର କୁଚିଣ୍ଡା, ରେଢ଼ାଖୋଲ, ଅନୁଗୁଳ ଜିଲାର ଆଠମଲ୍ଲିକ, ୧୦ରେ ସମ୍ବଲପୁର ଜିଲାର ରେଙ୍ଗାଲି, ଦେବଗଡ଼ ଜିଲାର ଦେବଗଡ ଏବଂ ଅନୁଗୋଳ ଜିଲାର ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଭକ୍ତ ଦର୍ଶନ କରିବେ। ୧୧ରେ ବରଗଡ ଜିଲାର ବିଜେପୁର, ଝାରସୁଗୁଡା ଜିଲାର ବ୍ରଜରାଜନଗର, କଳାହାଣ୍ଡି ଜିଲାର ଧର୍ମଗଡ଼ ଏବଂ ନର୍ଲା ନିର୍ବାଚନମଣ୍ଡଳୀ, ୧୨ରେ ବରଗଡ଼ ଜିଲାର ବରଗଡ଼, ବଲାଙ୍ଗୀର ଜିଲାର ଟିଟିଲାଗଡ଼, ନୂଆପଡ଼ା ଜିଲାର ନୂଆପଡ଼ା ଏବଂ ସୁନ୍ଦରଗଡ଼ ଜିଲାର ରଘୁନାଥପାଲି, ୧୩ରେ ବୌଦ୍ଧ ଜିଲାର ବୌଦ୍ଧ, ସୋନପୁର ଜିଲାର ସୋନପୁର, କଳାହାଣ୍ଡି ଜିଲାର ଲାଞ୍ଜିଗଡ ଏବଂ ସମ୍ବଲପୁର ଜିଲାର ସମ୍ବଲପୁର ଏବଂ ୧୪ରେ ବଲାଙ୍ଗୀର ଜିଲାର ପାଟଣାଗଡ଼, ସୁନ୍ଦରଗଡ଼ ଜିଲାର ରାଉରକେଲା ଓ ସୁନ୍ଦରଗଡ ନିର୍ବାଚନମଣ୍ଡଳୀର ଭକ୍ତ ଦର୍ଶନ କରିବାର ସୌଭାଗ୍ୟଲାଭ କରିବେ। ରବିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ମନ୍ଦିର ଟ୍ରଷ୍ଟ ବୋର୍ଡର ପ୍ରେସିଡେଣ୍ଟ ସଞ୍ଜୟ ବାବୁ, ଆଞ୍ଚଳିକ ପରିହନ ଅଧିକାରୀ ରାମଦାସ ଟୁଡୁ, ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ସଦର ତହସିଲଦାର ମନୋଜ ପ୍ରଭାକର କୁଜୁର, କ୍ରୀଡା ବିଭାଗର ଓଏସଡି ସୁଶାନ୍ତ ସାହୁ, ଏଲଏଓ ଆଦିତ୍ୟ ପଣ୍ଡା, ମେଡିକାଲର ପ୍ରଶାସନିକ ଅଧିକାରୀ ନୀଳାମ୍ବର ମହାନନ୍ଦଙ୍କ ସମେତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଉପସ୍ଥିତ ଅତିଥି।

କୁଚିଣ୍ଡା, ୪।୨(ବିରଞ୍ଚି ଦର୍ଵା)

ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ଶନିବାର ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିପିଇଓ ମସ୍ତରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କବି ସୁବାସ ଚନ୍ଦ୍ର ନାୟକ, ସସ୍ମିତା ପଟେଲ ଓ ଅନ୍ୟାନ୍ୟ କବିମାନେ ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ କଳାକାରମାନଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ଏକ ଓଡ଼ିଆ ପୁସ୍ତକ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପରେ ରାଜ୍ୟ କାର୍ଯ୍ୟାଳୟରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଓଡ଼ିଶା ଜୀବିକା ମିଶନର ବିପିଏମ୍ ଟିପେନସନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଫିସ ମୁଖ୍ୟ ତରୁଣ ପ୍ରସାଦ ବିଶ୍ୱାଳଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କିଷାନ ସମାଜର ବାର୍ଷିକ ଉତ୍ସବ



କିଷାନ ସମାଜ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଉଛି।

କୁଚିଣ୍ଡା, ୪।୨(ବିରଞ୍ଚି ଦର୍ଵା)

ସମ୍ବଲପୁର ଜିଲା ବାମରା ବ୍ଲକ ସଦର ମହକୁମା ଖୋଖୋପଡ଼ାରେ ଗୋବିନ୍ଦପୁର ପଞ୍ଚାୟତସ୍ତରୀୟ ୫୫୦ କିଷାନ ଜାତି ସମାଜର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ସାଧୁ ପିଙ୍ଗଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ମୁଖ୍ୟ ଅତିଥି, ବାଦପଡା ଆଞ୍ଚଳିକ ଗୁଡି ସଭାପତି ଲିଙ୍ଗରାଜ ବାଘ ମୁଖ୍ୟବକ୍ତା, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ବାଦିବାହାଲ ସଭାପତି ତହସିଲ ଟପ୍ପୋ, ନୁନିଆମୁଣ୍ଡା ସଭାପତି ପଟେଲ ବାଘ, ଶିକ୍ଷାବିତ ରାଜେନ୍ଦ୍ର କିଷାନ, ହରିଡା ସଭାପତି ଗୋମତୀ ଟପ୍ପୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କିଷାନ ସମାଜର ସାମୂହିକ ଉନ୍ନତି ସହ ସମାଜ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆଲୋଚନା କରିଥିଲେ। ଆଇନଜୀବୀ ସୁଶାନ୍ତ ମାଝି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତିଲ ବାଘ, ଅକ୍ଷୟ ମାଝି, ଲିଙ୍ଗରାଜ କେଲ୍ଲୁ, ଭରତଲାଲ ମାଝି, ପରମେ କିଷାନ, ନିରଞ୍ଜନ ମାଝି, ପାରେଶ୍ୱର ମିଞ୍ଜ, ଭୁବନେ ମାଝି, ଛବିଲ ଏକ୍କା, କର୍ଣ୍ଣ ପିଙ୍ଗ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କିଷାନ ସମାଜ ପକ୍ଷରୁ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା।

# ନୂତନ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଦାୟିତ୍ୱ ଗ୍ରହଣ

ସମ୍ବଲପୁର,୪।୨(ପ୍ରମୋଦ ବହିଦାର)

ଡ. ସୁରେଶ ଚନ୍ଦ୍ର ଦଳେଇଙ୍କ ଅବସର ଗ୍ରହଣ ପରେ ସମ୍ବଲପୁରଠାରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି ୨୦୦୩ ବ୍ୟାଚ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀକାନ୍ତ ପୃଷ୍ଟି। ଏହା ପୂର୍ବରୁ ସେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଥିଲେ। ସେ ଦାୟୀତ୍ୱ ଗ୍ରହଣ କରି ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିବାରେ ସଫଳତା ହାସଲ କରିଥିବାରୁ ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା କରାଯାଇଛି। ସେ ଉତ୍ତରାଞ୍ଚଳ ଆୟୁକ୍ତ ଭାବେ ଦାୟୀତ୍ୱ ଗ୍ରହଣ କରି କହିଛନ୍ତି ଯେ, ସମ୍ବଲପୁର ପଶ୍ଚିମ ଓଡ଼ିଶା ଏକ ମୁଖ୍ୟ ତଥା ଗୁରୁତ୍ୱପୂର୍ଣ୍ଣ ସହର। ଏହି ସହରର ବିକାଶ ସହିତ ଅନ୍ୟ ସହରଗୁଡ଼ିକୁ ମଧ୍ୟ ବିକାଶ ଦିଗରେ ଆଗେଇ ନେବା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ ବୋଲି ଆୟୁକ୍ତ ପୃଷ୍ଟି କହିଛନ୍ତି।

# ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର,୪।୨(ବି.ଶଙ୍କର)

ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅମୃତ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ନବୀନ ଓ ପ୍ରବୀଣ ଚିତ୍ରଶିଳ୍ପୀମାନେ ପଶ୍ଚିମ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଚଳଣୀକୁ ଜୀବନ୍ତ ଭାବେ ଆଙ୍କିଥିଲେ। ୫ଟି ବର୍ଗରେ ଚିତ୍ରାଙ୍କନ ହୋଇଥିଲା। ଚଳିତ ମାସ ୮ ତାରିଖ ଅଇଁଠାପାଲି ପିଏଚଡି ପଡିଆଠାରେ ହେବାକୁ ଥିବା ସମ୍ବଲପୁର ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ। ଏଥିସହ ପ୍ରତି ବର୍ଗରେ ତିନି ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଟ୍ରଫି ସହ ସାର୍ଟିଫିକେଟ ଦିଆଯିବ। ମହୋତ୍ସବରେ ପଶ୍ଚିମାଞ୍ଚଳର କଳାକୃତି ସମ୍ବନ୍ଧିତ ବିଭିନ୍ନ ଉପାଦାନ, ଚିତ୍ରକଳା, ଫଟୋଚିତ୍ର, ମାଟି ଓ ଧାତୁର କଳାତ୍ମକ ଅଭିବ୍ୟକ୍ତିଗୁଡ଼ିକୁ ସ୍ଥାନିତ କରାଯିବ। ଚଳିତ ମାସ ୮ ତାରିଖ ଦିନ ୧୧ ଟାରେ ପିଏଚଡି ପଡିଆଠାରେ ଝୋଟି, ରଙ୍ଗୋଲୀ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନର ସଂଯୋଜକ ସପନ ମିଶ୍ର ସୂଚିତ କରିଛନ୍ତି।



ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଚାଲିଛି।

# ଆଧୁନିକ ପ୍ରଣାଳୀରେ ଫଳଚାଷ ପାଇଁ କୃଷକ କର୍ମଶାଳା

ସମ୍ବଲପୁର, ୪।୨ (ଭବାନୀଶଙ୍କର ଭୋଇ)

ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପକ୍ଷରୁ ଯୁଯୋମୁରା ବ୍ଲକ ବଡସାହିରଠାରେ ଏକ ଦିବସୀୟ କୃଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁଯୋମୁରା ବ୍ଲକର ଠାକୁରମାଳ, ସନାତନପାଲି, ବଡସାହିର, କୁଲସର, ବଳଣ୍ଡା, ଡଙ୍ଗରପଡା, ହିରୋ ଆଦି ଗ୍ରାମରୁ ୫୦ ଜଣ ଅଗ୍ରଣୀ ଚାଷୀ ସାମିଲ ହୋଇଥିଲେ। ଏହି କର୍ମଶାଳାରେ ଆମ୍ବ, ପିଜୁଳି, ସେଓ, ବରକୋଳି ଆଦି ଲାଭଜନକ ଫଳଚାଷ ଉପରେ ତାଲିମ ଦିଆଯାଇଥିଲା। ଆଧୁନିକ ପ୍ରଣାଳୀରେ ଫଳଚାଷ କରିବା ପରେ ତାକୁ କିପରି ବଜାର ସହ ଯୋଡାଯାଇ ପାରିବ ସେ ନେଇ କୃଷକମାନଙ୍କୁ ଅବଗତ କରାଯାଇଥିଲା। ଜୈବିକ କୃଷି ବିଶେଷଜ୍ଞ କୈବଲ୍ୟ ପ୍ରଧାନ କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହା ସହ ଜୈବିକ ପ୍ରଣାଳୀରେ ଫଳଚାଷ କରି କିଭଳି ଚାଷୀମାନେ ଲାଭବାନ ହୋଇପାରିବେ ସେ ବିଷୟରେ ନିଜର ଅଭିଜ୍ଞତା ବାଣ୍ଟିଥିଲେ। କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଘେନୁପାଲି ସରପଞ୍ଚ ଜଗଦିଶ ମିର୍ଦ୍ଧା, ସାମାଜିକ କର୍ମୀ ତଥା ନାରୀନେତ୍ରୀ ଟିଙ୍କି ପ୍ରଧାନ ଯୋଗ ଦେଇ କୃଷକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଭିନବ କୃଷିର ବୈଜ୍ଞାନିକ ଅଭିଲାଷ ପ୍ରଧାନ କୃଷକମାନଙ୍କୁ ଆଧୁନିକ ପ୍ରକ୍ରିୟାରେ ଫଳ ଚାଷ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ସମ୍ବଲପୁରର ଜଟାଭୁଷଣ ସାହୁ ଏବଂ ବଲାଙ୍ଗୀରରୁ ଆସିଥିବା ଅଗ୍ରଣୀ କୃଷକ ଜଟାଧାରୀ ପ୍ରଧାନ ଚାଷୀମାନଙ୍କୁ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ସୂଚନା ଦେବା ସହ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବାକୁ ବୁଝାଇଥିଲେ। କର୍ମଶାଳାକୁ ସବୁଜ ସନାତନପାଲି କୃଷକ କମ୍ପାନୀର ନିର୍ଦ୍ଦେଶକ ମନବୋଧ ବାରିକ ପରିଚାଳନା କରିଥିଲେ। କର୍ମଶାଳାରେ ଅଞ୍ଚଳର ଅଗ୍ରଣୀ ଚାଷୀ ଶଙ୍ଖଜିନି ପ୍ରଧାନ, ଈଶ୍ୱର ସାହୁ, ନରେଶ ପ୍ରଧାନ, ବିଶ୍ୱଜିତ ସାହୁ, ଆଶୀଷ ସାହୁ, ଅଜିତ ପ୍ରଧାନ, ପିତାମ୍ବର ପ୍ରଧାନ ପ୍ରମୁଖ ସାମିଲ ହୋଇ ଫଳଚାଷ ଉପରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କର୍ମଶାଳା ଶେଷରେ ଯୁବ ଫଳ ଚାଷୀ କୈଳାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଓଝରଣ ବିକାଶ ସକାଶେ ଅର୍ଥ ମଞ୍ଜୁରୀ

ସମ୍ବଲପୁର,୪।୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଦେଓଝରଣର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ୨୦ ଲକ୍ଷ ଟଙ୍କା ଅନୁଦାନ ରାଶି ମଞ୍ଜୁର ହୋଇଥିବାରୁ ଦେଓଝରଣ ବିକାଶ ମଞ୍ଚ ପକ୍ଷରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନ ଓ ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ବିକାଶ ମଞ୍ଚର ଆବାହକ ଅରୁଣ ଦେହୁରୀଙ୍କ ଅଧ୍ୟକ୍ଷତାରେ ଗଇଲଗୁଡ଼ି ତାଲଝରଣରେ ଆୟୋଜିତ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ସ୍ଥାନୀୟ ଅଧିବାସୀ ଯୋଗ ଦେଇଥିଲେ। ଅଞ୍ଚଳରେ ଥିବା ଉଦ୍ୟାନର ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦେବାକୁ କ୍ଷୁଦ୍ର ଜଳସେଚନ ବିଭାଗକୁ କୁହାଯିବା ସହ ଏଠାରେ ପିଣ୍ଡି ନିର୍ମାଣ ପାଇଁ ବନ ବିଭଗକୁ ନିବେଦନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାବ୍ୟତୀତ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବିଭାଗକୁ ନିବେଦନ କରିବାକୁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଭାରେ ଦେଓଝରଣ ବିକାଶ ମଞ୍ଚର ସମ୍ପାଦକ ବିରେନ ଭୋଇ, ଭିଏସ୍‌ଏସ୍ କ୍ଲବର ସଭାପତି ରମଣୀ ହୋଇ, ପରମେଶ୍ୱର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଯାଦବ ସମାଜ ବାର୍ଷିକ ସମ୍ମିଳନୀ, କ୍ରୀଡ଼ା ଉତ୍ସବ

## କ୍ରୀଡ଼ା ଶରୀର ଗଠନର ମୁଖ୍ୟ ଅଙ୍ଗ

କୁଚିଣ୍ଡା,୪।୨(ବିରଞ୍ଚି ଦର୍ଵା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ହାଡିପାଲି ପଞ୍ଚାୟତ କିଣ୍ଡିରାଠାରେ ପଞ୍ଚାୟତସ୍ତରୀୟ ଯାଦବ ସମାଜର ବାର୍ଷିକ ସମ୍ମିଳନୀ ଓ କ୍ରୀଡ଼ା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି କୃଷ୍ଣଚନ୍ଦ୍ର ଖର୍ସେଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ଯାଦବ ସମାଜ ସଭାପତି ବିରଞ୍ଚି ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ଶରୀର ଗଠନର ମୁଖ୍ୟ ଅଙ୍ଗ ବୋଲି କହି ଛାତ୍ରୀଛାତ୍ର ବଣମଲ୍ଲୀ ନ ହୋଇ ବଗିଚା ମଲ୍ଲୀ ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ସମ୍ପାଦକ ଡୋଳାମଣି ଷଣ୍ଢଙ୍କ ସଂଯୋଜନାରେ ପରିଚାଳିତ ସଭାରେ ଜିଲା ଉପସଭାପତି ସନାତନ ଭଇଁଷା, ମଦନମୋହନ ଭଇଁଷା, ସମ୍ପାଦକ ସରୋଜ ପରୁଆ, ରାଜ୍ୟ ମହିଳା ଶାଖା ସମ୍ପାଦିକା ଚିନୁପମା ଭଇଁଷା, ବ୍ଲକ ସଭାପତି କୁଶଚନ୍ଦ୍ର ଭଇଁଷା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କିଣ୍ଡିରା ଫୁଟବଲ ପଡ଼ିଆରେ ଛାତ୍ରୀଛାତ୍ରଙ୍କ ବାର୍ଷିକ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଓଡ଼ିଆ ଶିକ୍ଷକ ଦେବାନନ୍ଦ କର୍ସେଲ ଓ କ୍ରୀଡା ଶିକ୍ଷକ ଚନ୍ଦନ ମାକରଙ୍କୁ ଉପଢୌକନସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ହୋଇଥିବା କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ସାତଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଯାଦବ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନରୋତ୍ତମ ଖର୍ସେଲ, ମହେନ୍ଦ୍ର ଖର୍ସେଲ, ସୁଶାନ୍ତ ଭଇଁଷା, ଚମ୍ପକ କଉଡି, ମଙ୍ଗଲୁ ଷଣ୍ଢ, ଭୋଳାନାଥ ଭଇଁଷା, ମହେନ୍ଦ୍ର ଷଣ୍ଢ, ଦିବ୍ୟ ଖର୍ସେଲ, ସନତ ପରୁଆ, ମନ୍ଟୁ ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପଞ୍ଚାୟତ ସମ୍ପାଦକ ବୈଦ୍ୟଚରଣ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।



ଯାଦବ ସମାଜର ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥି।

# ନୃତ୍ୟଗୀତରେ ଝୁମିଲେ ଦର୍ଶକ

- ଦିଲ୍ଲୀରେ ପୁଷପୁନି ଭେଟ୍‌ଘାଟ୍
- ପାରମ୍ପରିକ ପିଠାରେ ମହକିଲା ଉତ୍ସବ ସ୍ଥଳ

ସମ୍ବଲପୁର,୪।୨(ବି.ଶଙ୍କର)

ଜୁହାର ପରିବାର ଦିଲ୍ଲୀ ପକ୍ଷରୁ ରାଜଧାନୀର ଆଇଏନଏ ଗୃହ କଲ୍ୟାଣ କେନ୍ଦ୍ରଠାରେ ପୁଷପୁନି ଭେଟଘାଟ -୨୦୨୪ ରବିବାର ପାଳିତ ହୋଇଯାଇଛି। ମା’ ସମଲେଶ୍ୱରୀ, ମା’ ପାଟଣେଶ୍ୱରୀ, ମା’ ସୁରେଶ୍ୱରୀ ଓ ମା’ ମାଣିକେଶ୍ୱରୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନୀତି ଆୟୋଗର ପୂର୍ବତନ ପରାମର୍ଶଦାତା ଶ୍ରୀକର ନାୟକ, ବରିଷ୍ଠ ଖବରଦାତା ଡ. ଭବାନୀ ଦୀକ୍ଷିତ, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମ୍ସର ପ୍ରଫେସର ଡାକ୍ତର ସଞ୍ଜିବ ଭୋଇ ଓ ଡାକ୍ତର ମିହିର ପାଣ୍ଡିଆ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଜନ୍ମେଜୟ ଖୁଣ୍ଟିଆ, ଚଳଚ୍ଚିତ୍ର ନିମାତା ଜିତେନ୍ଦ୍ର ମିଶ୍ର, ଭାରତୀୟ ବାୟୁସେନାର ପୂର୍ବତନ ଅଧିକାରୀ ଡ. ଅଶୋକ ଦାଶ, ବରିଷ୍ଠ ଅଧିବକ୍ତା ଶରତ ନନ୍ଦ ଓ ଭାରତୀୟ ବିମାନବନ୍ଦର ପ୍ରାଧିକରଣର ମହାପ୍ରବନ୍ଧକ ଶିବ ଶଙ୍କର ପାଣିଗ୍ରାହୀ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଗୋପାଳ କୃଷ୍ଣ ମିଶ୍ର ଓ ନୃତ୍ୟଗୁରୁ ସମୀର ମେହେରଙ୍କ ନିର୍ଦ୍ଦେଶନାରେ ନୃତ୍ୟାଞ୍ଜଳି ଅନୁଷ୍ଠାନର କଳାକାରମାନେ ଡାଲଖାଇ, ରସରକେଲି, ମାଏଲାଜଡ଼ ଓ କର୍ମା ନୃତ୍ୟ ପରିବେଷଣ କରିଥିଲେ। ଆୟୁଷ୍ମାନ ରାଉତ ରଙ୍ଗବତୀ ଗୀତ ଗାଇଥିଲେ। ପ୍ରିୟଲ ପ୍ରଧାନ ଓ ଅନ୍ୱେଷା ପଣ୍ଡା ସମ୍ବଲପୁରୀ ନୃତ୍ୟର ପ୍ରସ୍ତୁତ କରିଥିଲେ। ସେହିପରି ଅନାମିକା ପାଣିଗ୍ରାହୀ ହାସ୍ୟରସାତ୍ମକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ଓ ପାରମ୍ପାରିକ ବ୍ୟଞ୍ଜନ ଚାଉଳ ବରା, ତେତେଲ ଚଟନୀ, ପିଠା ସହ ଅନେକ ନିରାମିଷ ଓ ଆମିଷ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା। ଜୁହାର ପରିବାର ଦିଲ୍ଲୀ ସଭାପତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତା ଓ କୋଷାଧ୍ୟକ୍ଷ ଅନୁପମ ମିଶ୍ର ସଂଯୋଜନା କରିଥିଲେ। ଆୟୋଜନରେ ମାନସ ରଞ୍ଜନ ମିଶ୍ର, ବିଜୟାନନ୍ଦ ନାଏକ, ଅରକ୍ଷିତ ଶାସ୍ତ୍ରୀ, କୁନ୍ତଳା ଭୋଇ, ମାନସ ସାହୁ, ଦେବାଶିଷ ମାଝି, ଦେବଦତ୍ତ ଦାଶ, ମାନସ ମହାନ୍ତି, ତାପସ ଷଡ଼ଙ୍ଗୀ, ପିନାକୀ ରଥ, ଆକାଶ ପାଣିଗ୍ରାହୀ, ବିଜୟ ତ୍ରିପାଠୀ, ସତ୍ୟ ନାରାୟଣ ପ୍ରଧାନ, ମାନସ ପାଢ଼ୀ, ସର୍ବେଶ୍ୱର ପଧାନ, ଜଗଦୀଶ ପଟେଲ, ନିର୍ମଳ ଦେହେରି, ବିବେକ ପାତ୍ର, ଆଶିଷ ପାତ୍ର, ଓମ ପ୍ରକାଶ ରାଉତ ପ୍ରମୁଖ ଭୂମିକା ନେଇଥିଲେ।




ପୁଷପୁନି ଭେଟଘାଟରେ ଉପସ୍ଥିତ ଅତିଥି।

